# ମଶାଣିରୁ ମୃତଦେହ ଉଠାଇଲା ପୁଲିସ

**ବଲାଙ୍ଗିର/ତୁରେକେଲା, ୨୩।୧(ସମିସ)**

ଗାଁ ମଶାଣିରେ ମୃତକଙ୍କ ଶେଷକୃତ୍ୟର ପ୍ରସ୍ତୁତି ଚାଲିଥିଲା। ପରିବାର ପରିଜନ ସମସ୍ତେ ଉପସ୍ଥିତ ଥିଲେ। ଏହି ସମୟରେ ହଠାତ ପୁଲିସ ପହଞ୍ଚିଲା। ଶବକୁ ଉଠାଇ ଚାଲିଆସିଲା। ଏଭଳି ଏକ ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ବେହେରେନସିଲେଟ ଗାଁରେ। ଗତ ସୋମବାର ରାତିରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା କୁହାଯାଉଥିଲା ବେଳେ ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି ପୁଲିସ।

ସୂଚନା ଅନୁସାରେ, ଗ୍ରାମର ଦିବା ଚିନଗୁନଙ୍କ ୧୮ ବର୍ଷର ପୁଅ ବିନୋଦ ସୋମବାର ରାତିରେ ଆତ୍ମହତ୍ୟା କରିଥିଲେ। କାହିଁକି ଓ କେଉଁ ଅବସ୍ଥାରେ ଆତ୍ମହତ୍ୟା କଲେ ତାହା ଅସ୍ପଷ୍ଟ ଥିବା ବେଳେ ପଢ଼ା ବନ୍ଦ ହେବା ପରେ ସେ ଗାଁରେ ସାଙ୍ଗସାଥୀଙ୍କ ସହ ବୁଲାବୁଲି କରୁଥିବା ଗ୍ରାମବାସୀ କହୁଛନ୍ତି। ବିନୋଦଙ୍କ ଆତ୍ମହତ୍ୟା ପରେ ପରିବାର ଲୋକେ ପୁଲିସକୁ ନଜଣାଇ ଅନ୍ତିମ ସଂସ୍କାର କରିବା ପାଇଁ ଗାଁ ଶ୍ମଶାନକୁ ନେଇଥିଲେ। କୌଣସି ସୂତ୍ରରୁ ଖବର ପାଇଥିଲା ପୁଲିସ। ଫଳରେ ଗାଁଲୋକେ ଶବ ସଂସ୍କାର ନକରି ଫେରିଆସିଥିଲେ। କଣ୍ଟାବାଞ୍ଜି ଥାନା ଅଧିକାରିଣୀ ରଶ୍ମିତା ବେହେରା ତଦନ୍ତ ଜାରି ରଖିଥିବା ସହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣା ସ୍ପଷ୍ଟ ହେବ ବୋଲି କହିଛନ୍ତି।



## ଲୁର୍କି ଧନୁଯାତ୍ରା: କଂସ ଦରବାରରେ ଅଞ୍ଚଳର ସାମ୍ବାଦିକ ସମ୍ମାନିତ

**ତୁଷୁରା, ୨୩।୧ (ସମିସ):** ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ଲୁର୍କି ଗ୍ରାମରେ ୧୪୮ତମ ଧନୁଯାତ୍ରା ତୃତୀୟ ଦିନ ପୁତନା ବଧ ସହ ମହାରାଜ କଂସ ଦ୍ୱାରା ଷଡ଼ମଲ୍ଲ ପ୍ରେରଣ ଦୃଶ୍ୟ ଅଭିନୀତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କଂସ ଦରବାରରେ ମହାରାଜଙ୍କ ଦ୍ୱାରା ତୁଷୁରା ସାମ୍ବାଦିକ ସଂଘର ସାମ୍ବାଦିକଙ୍କୁ ନିମନ୍ତ୍ରଣ କରାଯାଇ ସମ୍ମାନିତ କରାଯାଇଛି। କ୍ଷିରିଶ ପ୍ରଧାନ, ପୀୟୁଷ ପ୍ରଧାନ, ପ୍ରଶାନ୍ତ ତ୍ରିପାଠୀ, ପ୍ରତାପ ନନ୍ଦ, ଦିବ୍ୟ ମଟାରି, ସୁରେନ୍ଦ୍ର ମହାକୁର, ସୁରେନ୍ଦ୍ର ସାହୁ, ରାମଚନ୍ଦ୍ର ସାହୁ, ରୋହିତ ସାହୁ, ଡ଼ଗର ନରେନ୍ଦ୍ର ଓ ମନୋଜ ପ୍ରମୁଖ କଳାକାର ଅଭିନୟ କରୁଛନ୍ତି। ଧନୁଯାତ୍ରାକୁ କମିଟିର ସମସ୍ତ କର୍ମକର୍ତ୍ତା ତଥା ଗ୍ରାମବାସୀ ସହଯୋଗ କରୁଛନ୍ତି। ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଦର୍ଶକମାନେ ଧନୁଯାତ୍ରା ଦେଖିବା ପାଇଁ ଆସୁଛନ୍ତି।



## ହରିଶଙ୍କର ଛକରେ ବୀର ବଜରଙ୍ଗ ବଲୀ ବିଗ୍ରହ ପ୍ରତିଷ୍ଠା

**ଖପ୍ରାଖୋଲ, ୨୩।୧ (ସମିସ):** ଖପ୍ରାଖୋଲର ହରିଶଙ୍କର ଛକ ନିକଟରେ ବଜରଙ୍ଗବଲୀ ଟ୍ରଷ୍ଟ ତରଫରୁ ହନୁମାନ ମନ୍ଦିର ଓ ଶ୍ରୀ ବଜରଙ୍ଗ ବଳୀ ପ୍ରାଣପ୍ରତିଷ୍ଠା ସମାରୋହ ସହିତ ଅନୁଷ୍ଠିତ ହୋଇଯାଇଛି। ଖପ୍ରାଖୋଲ ସମେତ ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟକ ମହିଳା ପୁରୁଷ ସାମିଲ ହୋଇଥିଲେ। ଏହି ଅବସରରେ ଷୋହଳ ପ୍ରହର ନାମଯଜ୍ଞର ଆୟୋଜନ ହେବା ସହ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରବଚନ କାର୍ଯ୍ୟକ୍ରମ ରହିଥିଲା। ପ୍ରତ୍ୟେକ ଦିନ ଆନନ୍ଦବଜାରର ବ୍ୟବସ୍ଥା ଟ୍ରଷ୍ଟ ତରଫରୁ କରାଯାଇଥିଲା। ପୂଜା କର୍ତ୍ତା ଭାବରେ ସତ୍ୱିକ ଉପେନ୍ଦ୍ର ଭୋଇ ଥିବା ବେଳେ ନାମଯଜ୍ଞରେ ନାରାୟଣ ଦଣ୍ଡସେନା ପୂଜାକର୍ତ୍ତା ଥିଲେ। ପୂଜକ ସହଦେବ ମିଶ୍ର ଓ ରମେଶ ଦାଶ ପୌରହିତ୍ୟ କରିଥିଲେ। ଟ୍ରଷ୍ଟ ତରଫରୁ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



## ପୁଷପୁନିରେ ରାଜ୍ୟସ୍ତରୀୟ ଛୁଟି ଦାବି

**ବଲାଙ୍ଗିର, ୨୩।୧(ସମିସ):** ଜାନୁୟାରୀ ୨୫ ତାରିଖରେ ସାରା କୋଶକାଞ୍ଚଳରେ ପୁଷପୁନି ତିହାର ପାଳିତ ହେବ। ପର୍ବଟି କୋଶକାଞ୍ଚଳର ଅନ୍ୟତମ କୃଷିଭିତ୍ତିକ ଗଣପର୍ବ ଅଟେ। ତେଣୁ କୋଶକାଞ୍ଚଳର ଦୁଇ କୋଟି ଅଧିବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଏଇ ଦିନଟିକୁ ରାଜ୍ୟସ୍ତରୀୟ ଛୁଟି ଘୋଷଣା କରନ୍ତୁ ବୋଲି କୋଶଳ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧକ୍ଷ ପ୍ରମୋଦ ମିଶ୍ର ଦାବି କରିଛନ୍ତି। ରଜ ଦୋଳ ଭଳି ଉପକୂଳ ଓଡ଼ିଶାର ପର୍ବପର୍ବାଣୀକୁ ରାଜ୍ୟସ୍ତରୀୟ ଛୁଟି ବୋଲି ଘୋଷଣା କରୁଥିବା ବେଳେ ପୁଷପୁନିରେ ଛୁଟି ଘୋଷଣା କରାଯାଉ ନାହିଁ। କୋଶଳବାସୀ ଓ କୋଶକାଞ୍ଚଳର ନିର୍ବାଚିତ ରାଜନେତା ତଥା ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ସଂଗଠନମାନେ ସମ୍ମିଳିତ ଭାବରେ ଏହାର ପ୍ରତିକ୍ରିୟା କରନ୍ତୁ ବୋଲି ଶ୍ରୀ ମିଶ୍ର ଆହ୍ୱାନ କରିଛନ୍ତି।

### ରାଇସ୍ ମିଲ୍‌ରୁ ନିର୍ଗତ ପ୍ରଦୂଷଣ ସମସ୍ୟା

## 'ରାସ୍ତାକଡ଼ରୁ ଚିମନି ନ ହଟିଲେ ଆନ୍ଦୋଳନ'

**ତୁରେକେଲା,୨୩।୧(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଅନ୍ତର୍ଗତ ବେହେରେନସିଲେଟ ଗାଁ ଚଟୁଅନକା ଯିବା ରାସ୍ତାରେ ଥିବା ବଂଶଲ ଧାନ ମିଲ୍ ମାଲିକ ନିଜ ମନମୁଖୀ କରୁଥିବା ନେଇ ବେହେରେନସିଲେଟ ଗାଁଲୋକ ଅନେକ ଥର ଅଭିଯୋଗ କରି ଆସିଛନ୍ତି। କିଛି ଦିନ ଅଳିଆ ସଫା କରିଦେଇ ପୁଣି ଚୁପ ରହିବା ଦ୍ୱାରା ରାସ୍ତା ଉପରେ କେମିକାଲ ପାଣି ଛାଡିବା ସହ ରାସ୍ତା କଡରେ ମିଲ୍‌ର ଚିମନି ଥିବା ଯୋଗୁଁ ସେହି ରାସ୍ତା ଦେଇ ଯାତାୟାତ କରୁଥିଲା ଜନସାଧାରଣଙ୍କ ଆଖିରେ ଧାନ ଗୁଣ୍ଡ ପଶୁଛି। ଅଞ୍ଚଳରେ ଏହା ପ୍ରଦୂଷଣ ବଢ଼ାଉଛି। ବେହେରେନସିଲେଟ ଗାଁ ଆମ୍ବେଦକର ଯୁବକ ସଂଘ ସଦସ୍ୟମାନେ କଣ୍ଟାବାଞ୍ଜି ତହସିଲଦାରଙ୍କ ଜରିଆରେ ବଲାଙ୍ଗିର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ଉଲ୍ଲେଖ କରିଛନ୍ତି ଯେ ଯଦି ଆସନ୍ତା ୧ ମାସରେ ରାସ୍ତାକଡରୁ ମିଲ୍‌ରୁ ଚିମନି ହଟା ନ ଗଲେ କଣ୍ଟାବାଞ୍ଜି ତହସିଲଦାର ଅଫିସ ସମ୍ମୁଖୀନରେ ଆନ୍ଦୋଳନ କରିବେ। ସଂଘ ସମ୍ପାଦକ ମୋହନ ସୁନା ଜିଲ୍ଲା ପ୍ରଶାସନ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି।



## ଫଟକରା ଓ କୁଟୁମଡୋଲାରେ ସେତୁର ଭିତ୍ତିପ୍ରସ୍ତର

**ବଲାଙ୍ଗିର, ୨୩।୧(ସମିସ):** ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ କୁଟୁମଡୋଲା ଓ ଫଟକରା ଗ୍ରାମରେ ସୁଉଚ୍ଚ ସେତୁର ଭିତ୍ତିପ୍ରସ୍ତର କରିଛନ୍ତି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର। ଏ ଅବସରରେ ଯୁକ୍ତ ୩ କଲେଜ ପ୍ରତିଷ୍ଠା କରିବା ପାଇଁ ସେ ନିଶ୍ଚିତ ଚେଷ୍ଟା କରିବେ ବୋଲ ପ୍ରତିଶ୍ରୁତି ଦେଇଛନ୍ତି। ସଭାରେ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ବିଜୁ ସେତୁ ଯୋଜନାରେ କୁଟୁମଡୋଲା ନାଳ ଉପରେ ନିର୍ମାଣ ହେବାକୁ ଥିବା ସେତୁର ବ୍ୟୟ ଅଟକଳ ହେଉଛି ୨କୋଟି ୭୨ ଲକ୍ଷ ୫୭ ହଜାର ଟଙ୍କା ଏବଂ କୁଟୁମଡୋଲା ନାଳରେ ଭିତ୍ତିପ୍ରସ୍ତର ତିଆରି ହୋଇଥିବା ସେତୁର ବ୍ୟୟ ଅଟକଳ ହେଉଛି ୨ କୋଟି ୮୫ଲକ୍ଷ ୫୩ହଜାର ଟଙ୍କା। କାର୍ଯ୍ୟକ୍ରମରେ ବ୍ଲକ ସଭାପତି ରାମପ୍ରସାଦ ମିଶ୍ର, କୁଟୁମଡୋଲା ସରପଞ୍ଚ ସସ୍ମିତା ସିଂଦେଓ, ଗଗନ ନାଥ, ସରୋଜ ରଥ, ଜୁଲୁ ପଟ୍ଟନାୟକ, ଭରତ ଭୋଇ, ଜୟ ସାହୁ, ଦୈତାରି ବାଗ, ରାଧାକାନ୍ତ ଭୋଇ, ସଞ୍ଜୟ ଗଡ଼ତ୍ୟା, ବିନାୟକ ସିଂଦେଓ, ବିକାଶ ରଥ, ମୟ ସହୁ, ସଂକୀର୍ତ୍ତନ ମେହେର, ବିଜୟ ମେହେର, ସଚିଦାନନ୍ଦ କୁନ୍ଦେଇ, ସୁନୀଲ ପଟେଲ, ଶ୍ରୀଧର ବାରିକ, ରୋଶନ ମିଶ୍ର, ଅର୍ଜୁନ ଦିପଙ୍କ ସହ ଜନସାଧାରଣ ଉପସ୍ଥିତ ଥିଲେ।

## କୁଳିଆବାହାଲରେ ପୁଷ୍ୟାଭିଷେକ ମହୋତ୍ସବ

**ଦେଓଗାଁ, ୨୩।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ କୁଳିଆବାହାଲରେ ତିନିଦିନ ଧରି ଅନୁଷ୍ଠିତ ହେବାକୁଥିବା ପୁଷ୍ୟାଭିଷେକ ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବୁଢ଼ିମାଉଳୀ ମନ୍ଦିରରୁ ଗାଁର ସମସ୍ତ ମହିଳାପୁରୁଷ ମଶାଲ ଶୋଭାଯାତ୍ରାରେ ଆସି ମଣ୍ଡପଠାରେ ପହଞ୍ଚିଥିଲେ। ପରେ ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମଣ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ, ଜିଲ୍ଲା ପରିଷଦ ସଭ୍ୟା ସୁମତୀ ସେଠ ଓ ମମତା କୁମୁରା, ସରପଞ୍ଚ ବଲ୍ଲଭି ସାହୁ, ଜରାସିଂହା ସରପଞ୍ଚ କୁଶମଣି ମେହେର, ଉଡାର ସରପଞ୍ଚ ପଞ୍ଚମୀ ଦୀପ ପ୍ରମୁଖ ମଞ୍ଚାସୀନ ଥିଲେ। ଜରାସିଂହାର ଛାତ୍ରୀଙ୍କ ଦ୍ୱାରା ଦଶାବତାର ନୃତ୍ୟ, ଜରାସିଂହା କଲେଜର ଛାତ୍ରୀଙ୍କ ଦ୍ୱାରା ଦଳଗତ ସମ୍ବଲପୁରୀ ନୃତ୍ୟ, ବଲାଙ୍ଗିରର କୋଶଳ ଫୋକ ଏକାଡେମୀ ଦ୍ୱାରା ପାରମ୍ପରିକ ନୃତ୍ୟ, ଆର୍ଭି ସିଂ ଚିନ୍ଦାଙ୍କ ଦ୍ୱାରା ସୋଲୋ ଡ୍ୟାନ୍ସ ପରିବେଷଣ କରାଯାଇଥିଲା। ଛବିଳ ସିଂ ଚିନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ। ୨୫ ତାରିଖ ଶ୍ରୀରାମ ରଥଯାତ୍ରା ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ। କମିଟି ସଭାପତି ସୁଶାନ୍ତ ମନହିରା, ତ୍ରିଲୋଚନ ସିଂ ଚିନ୍ଦା, ହଲଧର ସିଂ ଚିନ୍ଦା, ନରସିଂହ ସିଂ, ଗୋପ ମିର୍ଦ୍ଧା, ପୃଥ୍ୱିରାଜ ସିଂ ଚିନ୍ଦା, ଚିନ୍ତାମଣି ନାଏକ, ବ୍ରହ୍ମା ଧରୁଆ, ଶିବପ୍ରସାଦ ସାହୁ, କୈଳାସଚନ୍ଦ୍ର କର୍ତ୍ତ, ନିରଞ୍ଜନ ଝାଙ୍କର, ସ୍ନିଗ୍ଧା ସିଂ ଚିନ୍ଦା, ମାଧବୀ ଧରୁଆ, ଯଶୋବନ୍ତୀ ମାଝୀ, ସନ୍ତୋଷିନୀ ମିର୍ଦ୍ଧା, ରୀତା କପାଟ, ମୀରା ମାଝୀ, ନିରୁପମା ଧରୁଆ ବିଜୟଲକ୍ଷ୍ମୀ ସିଂ ଚିନ୍ଦା, ପଦ୍ମିନୀ ଧରୁଆ ତଥା ଗ୍ରାମବାସୀ ସହଯୋଗ କରୁଛନ୍ତି।

## ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ

**ବଲାଙ୍ଗିର/ଦେଓଗାଁ, ୨୩।୧(ସମିସ):** ବଲାଙ୍ଗିରର କଦମପଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ ନେତାଜୀ ସୁଭାଷଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ କରାଯାଇଛି। ମୁଖ୍ୟଅତିଥି ରୂପେ ପାଟଣାଗଡ କଲେଜର ଇତିହାସ ବିଭାଗର ଅବସରପ୍ରାପ୍ତ ଅଧ୍ୟକ୍ଷ ମନମୋହନ ସାଏ ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ସୁବ୍ରତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱାଗତ ସଙ୍ଗୀତ ସ୍ମୃତିଶିଖା ପାଢ଼ୀ, ଆଦ୍ୟାଶା ପଟ୍ଟନାୟକ, ଶ୍ରୀମୟୀ ପଣ୍ଡା ଓ ଅଙ୍କିତା ସେଠ ଗାନ କରିଥିଲେ। ଶିଶୁବକ୍ତା ଶୁଭଶ୍ରୀ କଲେତ୍ ଓ ପ୍ରତୀକ୍ଷା ନିଆଲ ଉଭୟ ମହାପୁରୁଷଙ୍କ ଜୀବନି ସମ୍ବନ୍ଧରେ ଆଲୋଚନା କରିଥିବା ବେଳେ ଗୁରୁଜୀ ବକ୍ତା ତ୍ରିଲୋଚନ ଦାସ ଓ ଗୁରୁମା ବକ୍ତା କୁମୁଦିନୀ ପୃଷ୍ଟି ନିଜ ନିଜ ବକ୍ତବ୍ୟ ରଖିଥିଲେ। ଶିଶୁ ସାକ୍ଷୀପ୍ରଜ୍ଞା ନାଏକ ଓ ସ୍ମରଣିକା ଦାସ ସଂଯୋଜନା କରିଥିଲେ। ଉପସଭାପତି ବୀରେନ୍ଦ୍ର ଧରୁଆ, ଗୁରୁଜୀ ତ୍ରିଲୋଚନ ଦାସ ଅନ୍ୟତମ ଅତିଥି ଥିଲେ। ଗୁରୁଜୀ ରାଜକୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ମମତା ଭୋଇ ସଂଚାଳନ କରିଥିଲେ।

ଆଦିବାସୀ କର୍ମଚାରୀ ସଂଘ, ବଲାଙ୍ଗିର ଓ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ଆନୁକୂଲ୍ୟରେ ମହାନ ବିପ୍ଳବି ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ସ୍ଥାନୀୟ ଗୋଁଣ୍ଡୱାନା ଭବନ ଠାରେ ପାଳିତ ହୋଇଯାଇଛି। ସଭାରେ ପୌରାଞ୍ଚଳ ସଭାପତି ଦଇତ ଭୋଇ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଉପଦେଷ୍ଟା ପ୍ରଦୀପ ମଲ୍ଲିକ, ମୁଖ୍ୟବକ୍ତା ସମ୍ପାଦକ ଗଣେଶ ମାଝୀ ଓ ସମ୍ମାନିତ ଅତିଥି ଜିଲ୍ଲା ସହସମ୍ପାଦକ ଦାଶରଥି ଭୋଇ, ସଭ୍ୟ ଧନଞ୍ଜୟ ରାଏ ଯୋଗ ଦେଇଥିଲେ। କୌଶଲ୍ୟା କୁମୁରା, ଗାୟତ୍ରୀ ଭୋଇ, ଝରଣା ରାନୀ ବାଗସିଂ ମାତୃଶକ୍ତିର ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଆଦିବାସୀ କର୍ମଚାରୀ ସଂଘ, ବଲାଙ୍ଗିର ସହସମ୍ପାଦକ ମୀନକେତନ ମାଝୀ ସଭା ପରିଚାଳନା କରିଥିବା ବେଳେ ରାମ ମଲ୍ଲିକ, ଘନଶ୍ୟାମ ପୁଝାରୀ, ଉମେଶଚନ୍ଦ୍ର ନାଏକ, ପ୍ରମୋଦ ମଲ୍ଲିକ, କୃଷ୍ଣଚନ୍ଦ୍ର ଧରୁଆ ପ୍ରମୁଖ ସହଯୋଗ କରିଥିଲେ।

ଦେଓଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଙ୍ଗଳବାର ଭାରତରତ୍ନ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହିଦିନ ପ୍ରତ୍ୟେକ ବିଦ୍ୟାଳୟରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ସ୍ୱାଧୀନତା ଭାରତ ପ୍ରତି ଅବଦନ ତଥା ବଳିଦାନ ଉପରେ ଅତିଥିଗଣ ଆଲୋକପାତ କରିଥିଲେ।

## ଲୋଇସିଂହାରେ ଜିଲ୍ଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ଶିବିର ଉଦ୍‌ଘାଟିତ

**ବଲାଙ୍ଗିର, ୨୩।୧(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହାସ୍ଥିତ ହରେକୃଷ୍ଣ ମହତବା ଉଚ୍ଚ ବିଦ୍ୟାଳୟରେ ୩୬ତମ ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ଶିବିର ଉଦଘାଟିତ ହୋଇଯାଇଛି। ତିନି ଦିନ ଧରି ଚାଲିବାକୁ ଥିବା ଏହି ଶିବିରର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ ଯୋଗ ଦେଇଥିଲେ। ଏହି ଉଦଘାଟନୀ ଉତ୍ସବ ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ପରିଷଦଙ୍କ ସହ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର, ବ୍ଲକ ଶିକ୍ଷାଧିକାରୀ ରୀନା ବେହେରା, ପ୍ରଧାନଶିକ୍ଷକ ଉଦ୍ଧବ ଚରଣ ପଟେଲ, ଡିପିଓ ତଥା ଜୁନିୟର ରେଡ୍‌କ୍ରସ ସମ୍ପାଦକ ପ୍ରଦୀପ ପାତ୍ର, ସଂଯୋଜକ ବିକାଶ ରଞ୍ଜନ ସାହୁ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ୪୫୦ ଜଣ ଜୁନିୟର ରେଡକ୍ରସ ଛାତ୍ରଛାତ୍ରୀ ଯୋଗଦେଇଥିବା ବେଳେ ୧୬୮ ଜଣ କାଉନସିଲର, ପ୍ରଧାନଶିକ୍ଷକ ଯୋଗ ଦେଇଥିବା ଜଣାପଡ଼ିଛି। ସଭାକାର୍ଯ୍ୟକୁ ଚିତ୍ତରଞ୍ଜନ ପଣ୍ଡା ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହେବା ସହ ସ୍ୱଚ୍ଛତା, ସମାଜସେବା ସଚେତନତା କାର୍ଯ୍ୟକ୍ରମଗୁଡିକ ମଧ୍ୟ ଆୟୋଜନ କରାଯିବ। ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରମାନେ ଆସନ୍ତା ୨୯ ତାରିଖ ପ୍ରତିଯୋଗିତାରେ ଭାଗ ନେବେ।




## ଶେମ୍‌ଫୋର୍ଡ ଫ୍ୟୁଚରିଷ୍ଟିକ୍ ବିଦ୍ୟାଳୟର ବାର୍ଷିକୋତ୍ସବ

**ବଲାଙ୍ଗିର, ୨୩।୧(ସମିସ):** ବଲାଙ୍ଗିର ଖର୍ଲକାନିସ୍ଥିତ ଶେମ୍‌ଫୋର୍ଡ ଫ୍ୟୁଚରିଷ୍ଟିକ୍ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ସଞ୍ଜୀବ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ରାଜନେତା ସମରେନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ୍ ରବୀନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବରେ ସହନିର୍ଦ୍ଦେଶକ ଆଶିଷ ରଥ, ଶିକ୍ଷା ନିର୍ଦ୍ଦେଶିକା ନିଲମ ରଥ, ଅଧକ୍ଷ ପ୍ରତାପ ଜେନା ଓ ପ୍ରି. ପ୍ରାଇମେରୀ ବିଭାଗର ପ୍ରଧାନ ଶିକ୍ଷୟିତ୍ରୀ ରିକି ପୁରୋହିତ ସମେତ ଫାଉଣ୍ଡେସନ ଟ୍ରଷ୍ଟିର ସଦସ୍ୟଗଣ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।




## ଚାଉଳଶୁଖା ଫୁଟବଲ ପ୍ରତିଯୋଗିତା

**ତୁରେକେଲା,୨୩।୧(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଚାଉଳଶୁଖା ନେହରୁ କ୍ଲବ ପକ୍ଷରୁ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ହଳଦୀ ଓ ନକଟାଶହର ମଧ୍ୟରେ ହଳଦୀ ୧-୦ ଗୋଲାରେ ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୁବ ବିଜେଡି ନେତା ତଥା ଚାଉଳଶୁଖା ସମିତିସଭ୍ୟ ଗିରିରାଜ ସିଂ ମାଝୀ, ସମ୍ମାନିତ ଅତିଥି ଭାବେ ଚାଉଳଶୁଖା ସରପଞ୍ଚ ଛାୟାମତୀ ମେହେର, କ୍ଲବ ସଭାପତି ଧୂବଲେ ତାଣ୍ଡି, ଟୋନି ମେହେର, ତ୍ରିଲୋଚନ ମିଶ୍ର, ବିବେକ ମେହେର, ଅନ୍ତ ତାଣ୍ଡି, ସୁରୁ ତାଣ୍ଡି, ଏବଂ ରେଫରୀ ଶ୍ରୀବଚ ବେହେରା ଯୋଗଦାନ କରିଥିଲେ।



## କଣ୍ଟାବାଞ୍ଜି ଜିଲ୍ଲାସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା

**ତୁରେକେଲା,୨୩।୧(ସମିସ):** କଣ୍ଟାବାଞ୍ଜିସ୍ଥିତ ଡଙ୍ଗାହାଲି ଖେଳ ପଡିଆରେ ରାଜେନ୍ଦ୍ର ନଗର ଫୁଟବଲ କ୍ଲବ୍ ତରଫରୁ ଆୟୋଜିତ ନକଆଉଟ୍ ଜିଲ୍ଲାସ୍ତରୀୟ ଫୁଟବଲ ଖେଳ ପ୍ରତିଯୋଗିତା ଫାଇନାଲ ମ୍ୟାଚ କଣ୍ଟାବାଞ୍ଜି ରାଜେନ୍ଦ୍ର ନଗର ଫୁଟବଲ ଦଳ ଏବଂ ଚଲକି ଦଳ ମଧ୍ୟରେ ଖେଳା ଯାଇଥିଲା। ଏହି ମ୍ୟାଚ୍ ରେ ଦୁଇ ଦଳ ପରସ୍ପରକୁ ୧-୧ ଗୋଲ ଦେବା ଫଳରେ ଟ୍ରାଇବେକରରେ ଚଲକି ଦଳକୁ ପରାସ୍ତ କରି ଫାଇନାଲ ବିଜୟୀ ହୋଇଛି। ମୁଖ୍ୟଅତିଥି ଭାବେ ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ବ୍ରଜଶ୍ୟାମ ଗୁରୁ, ସମାଜସେବୀ କୈଳାସ ଦୀପ, ବିଜୁ ମହିଳା ଜନତା ଦଳ ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲ ଯୋଗ ଦେଇଥିଲେ। କିଶୋର ଧରୁଆ, ବିକି ବିଶି, ଅମର ବାଗ ଏବଂ ଗୌର ପଟେଲ ପରିଚାଳନା କରିଥିଲେ। ଜଗନ୍ନାଥ ପଟେଲ, ସୁଶାନ୍ତ ପଟେଲ, ଆକାଶ ବିଶି, ରୁକୁ ବଛା, ଅଜୟ, ବିକି, ଚୈତନ୍ୟ ସହଯୋଗ କରିଥିଲେ।



# 'ନୂଆଁ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ବଲାଙ୍ଗିର/ଲୋଇସିଂହା/ଦେଓଗାଁ, ୨୩।୧(ସମିସ)**

ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ନୂଆଁ-ଓ ଓଡିଆ ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସନ୍ତୋଷ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି କାହ୍ନୁଚରଣ ଦର୍ଜି ମୁଖ୍ୟଅତିଥି, ସୋହେଲା ମହାବିଦ୍ୟାଳୟର ଅବସରପ୍ରାପ୍ତ ଓଡିଆ ଅଧ୍ୟାପକ ଡ. ଉପେନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା, ଭୁବନେଶ୍ୱରର ଡ. ସରୋଜ ମହାକୁଡ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅଧ୍ୟାପକ ଡ. ଲିଙ୍ଗରାଜ ମେହେର ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ସୋମନାଥ ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ତଥା ଓଡିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରମୋଦ ଦାଶ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ବାମଦେବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପାଞ୍ଚ ଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ସହ ଆଲୋଚନାଚକ୍ର ଆଦି ଅନୁଷ୍ଠିତ ହୋଇଥିଲା। ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଦିଆଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଆର୍ଯ୍ୟେନ୍ଦୁ ମେହେରଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଲୋଇସିଂହା ମହାବିଦ୍ୟାଳୟରେ କଲେଜ ଅଧ୍ୟକ୍ଷ ଗୋବିନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ନିହାର ରଞ୍ଜନ ବେହେରା ମୁଖ୍ୟଅତିଥି ଥିବା ବେଳେ କଲେଜ ପରିଚାଳନା କମିଟି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଶ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ କାହ୍ନୁଚରଣ ଦର୍ଜି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହାକୁ ଯୁକ୍ତ ୩ ବିଭାଗର ନୋଡାଲ ଅଫିସର ଓଡିଆ ବିଭାଗ ମୁଖ୍ୟ ଜଗମୋହନ ଦର୍ଜି ସଂଯୋଜନା କରିଥିବା ବେଳେ ଯୁକ୍ତ ୨ ନୋଡାଲ ଅଫିସର ହିମାଂଶୁ ମହାକୁର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେହିପରି ଇଂରାଜୀ ପ୍ରାଧ୍ୟାପକ ବିବେକାନନ୍ଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ପ୍ରାଧ୍ୟାପକ ସନ୍ତୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ତିନିଦିନ ଧରି ଚାଲିଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ଜଗନ୍ନାଥ ଡିଗ୍ରୀ କଲେଜ ସାହାଜବାହାଲର ଉଦଯାପନୀ ଉତ୍ସବ କଲେଜର ପରିଚାଳନା କମିଟି ସଭାପତି ରାମଶରଣ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଙ୍କ ପରିଚୟ ଦେଇଥିଲେ ଅର୍ଥନୀତି ଅଧ୍ୟାପକ କବିରାଜ ଭୋଇ। ଅଧ୍ୟକ୍ଷ ଗୋବିନ୍ଦ ଭୋଇ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡିଆ ଅଧ୍ୟାପକ ତଥା ନାଟ୍ୟକାର ଡ. ପବିତ୍ର ଦଣ୍ଡସେନା, ମୁଖ୍ୟବକ୍ତା ଭାବେ ମହିଳା ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ରତିକାନ୍ତ ନାଏକ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଗୋପୀନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମାଧର ମହାକୁର ବକ୍ତୃତା ପ୍ରଦାନ କରିଥିଲେ। ଜ୍ୟୋତିର୍ମୟୀ ତ୍ରିପାଠୀ ବିବରଣୀ ପଠନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ରାଜନୀତି ବିଜ୍ଞାନ ଅଧ୍ୟାପକ ଶାନ୍ତନୁ ପାତ୍ର। ଧନ୍ୟବାଦ ଦେଇଥିଲେ ସଞ୍ଜୀବ ପାତ୍ର। କମିଟିର ଚିତ୍ରସେନ ବରଗାଁ, କଲେଜ ଅଧ୍ୟାପକ ପ୍ରମୋଦ ବରାଡ, ହିମାଂଶୁ ବାରିକ, ନିକିତା ଥପା, ମାନିନୀ ଭୋଇ, ନିବେଦିତା ପ୍ରଧାନ, ମଦନ ପଣ୍ଡା ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

ଦେଓଗାଁ ବ୍ଲକ କୁତୁର୍ଲା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଓଡିଆ ଭାଷାସାହିତ୍ୟ କାର୍ଯ୍ୟକ୍ରମ ଅବସରରେ ଜଗନ୍ନାଥ ସଂସ୍କୃତି ଏବଂ ଐତିହ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଅଧିକାରୀ ହେମନ୍ତ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶାନ୍ତନୁ ମିଶ୍ର ପ୍ରବଚକ ଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷ ପ୍ରମୋଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଭାବେ ଅଧ୍ୟାପକ ବିଜୟ ଜାଲ, ବଳରାମ ପଧାନ, ଶ୍ରୀମଙ୍ଗଳ ସାହୁ ପ୍ରମୁଖ ଯୋଗଦେଇଥିବା ବେଳେ ମନୋଜ ସାହୁ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



# ମଦ ଜବତ ବେଳେ ଅବକାରୀ କର୍ମଚାରୀ-ଗ୍ରାମବାସୀ ମୁହାଁମୁହିଁ

**ହରଭଙ୍ଗା/ଚାରିଛକ, ୨୩।୧(ସମିସ)**

ହରଭଙ୍ଗା ଥାନା ମହାଲିକପଡ଼ା ପଞ୍ଚାୟତର ଭାବପୁର୍ ଗ୍ରାମରେ ମଦ ଜବତ ବେଳେ ଅବକାରୀ କର୍ମଚାରୀ ସ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ବେଆଇନ ଦେଶୀ ମଦରନ୍ଧା କାରବାର ଚାଲିଥିବା ଖବର ପାଇ ମଙ୍ଗଳବାର ବୌଦ୍ଧ ଅବକାରୀ ଇନ୍ସପେକ୍ଟର ସାଗରିକା ପ୍ରଧାନଙ୍କ ନେତୃତ୍ୱରେ ଚଢଉ ହୋଇଥିଲା; ହେଲେ ଗ୍ରାମର ଶତାଧିକ ମହିଳା ସ ପୁରୁଷ ମିଶି ଅବକାରୀ ଗାଡ଼ି ଆଗରେ କାଠ ଗଣ୍ଡି ରଖି ଅଟକାଇଥିଲେ। ମଦ ଫେରାଇବାକୁ ଅଡ଼ି ବସିବା ସହିତ ରନ୍ଧାଦେଶୀ ମହୁଲି ମଦ ଜବତ ହୋଇଥିବା ବ୍ୟକ୍ତିଙ୍କୁ ଗିରଫ କରିବାକୁ ବାରଣ କରିଥିଲେ। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଗ୍ରାମର ଉମେଶ ପାତ୍ର, କାହ୍ନୁ ପ୍ରଧାନ ଭାଗୀରଥି ପୋଢ଼, ଅଭିମନ୍ୟୁ ପ୍ରଧାନ, ମାନସ ଟାମକିଆ, ମାମି ପ୍ରଧାନ, ପର୍ଶୁ ପ୍ରଧାନ ପ୍ରମୁଖଙ୍କ ନାମରେ ହରଭଙ୍ଗା ଥାନାରେ



ଲିଖିତ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଅଗଷ୍ଟ ୨୨ତାରିଖରେ ମଧ୍ୟ ଏହି ଭଳି ଘଟଣା ଘଟିଥିଲା। ବେଆଇନ ମଦରନ୍ଧା ଉପରେ ଅବକାରୀ ବିଭାଗ ଚଢ଼ଉ କରିଥିଲା। ଗ୍ରାମର ମହିଳାମାନ ଅବକାରୀ ଗାଡିକୁ ଅଟକାଇବା ସହିତ ମଦଭର୍ତ୍ତି ପ୍ଲାଷ୍ଟିକ ଜାର ଛଡାଇ ନେଇଥିଲେ। ସେତେବେଳେ ମଧ୍ୟ ମାମଲା ଥାନାରେ ପହଞ୍ଚିଥିଲା।

# ନଳିକୂପା ଜଙ୍ଗଲରୁ ମାଓବାଦୀଙ୍କ କ୍ୟାମ୍ପ ଠାବ

**ବୌଦ୍ଧ/ଶଗଡ଼ା, ୨୩।୧(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଶଗଡ଼ା ଫାଣ୍ଡି ନଳିକୂପା ଜଙ୍ଗଲରୁ ମାଓବାଦୀଙ୍କ କ୍ୟାମ୍ପ ଠାବ ହୋଇଛି। କମ୍ବିଂ ଅପରେସନ ବେଳେ ମାଓବାଦୀ ଓ ସୁରକ୍ଷା କର୍ମୀ ମୁହାଁମୁହିଁ ହୋଇଛନ୍ତି। ଉଭୟଙ୍କ ମଧ୍ୟରେ କିଛି ସମୟ ଗୁଳି ବିନିମୟ ଚାଲିଥିଲା। ମାଓବାଦୀ ଛତ୍ରଭଙ୍ଗ ଦେଇଥିଲେ। ସୁରକ୍ଷା କର୍ମୀ ମାଓବାଦୀଙ୍କ କ୍ୟାମ୍ପ ଧ୍ୱଂସ କରିବା ସହ ସେଠାରୁ ସେମାନଙ୍କ ବିପୁଳ ସାମଗ୍ରୀ ଜବତ କରିଛନ୍ତି।





## ବୁଲା କୁକୁର କାମୁଡ଼ାରେ ଶିଶୁ ଆହତ

**କୋକସରା, ୨୩।୧(ସମିସ):** କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ମୁଗୁନାପଦର ଗ୍ରାମର ମାଧବ ନାଗଙ୍କ ୯ବର୍ଷର ପୁଅ ହୃଷିକେଶ ନାଗଙ୍କୁ ମଙ୍ଗଳବାର ଏକ ବୁଲା କୁକୁର କାମୁଡ଼ି ଦେବାରୁ ଆହତ ହୋଇଛନ୍ତି। ହୃଷିକେଶ ମଧ୍ୟାହ୍ନରେ ଘର ନିକଟରେ ଏକୁଟିଆ ଖେଳୁଥିବାବେଳେ ବୁଲାକୁକୁର କାମୁଡିଥିଲା। ଏହା ଦେଖି ପାଖରେ ଥିବା ଦୁଇ ଜଣ ଝିଅ କୁକୁରକୁ ଘଉଡାଇ ତାଙ୍କୁ ଉଦ୍ଧାର କରିଥିଲେ। ପରେ ପରେ ପରିବାର ଲୋକେ ହୃଷିକେଶଙ୍କୁ କୋକସରା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇଛନ୍ତି।

## ବାଇକ୍ ଦୁର୍ଘଟଣାରେ ଦୁଇ ଯୁବକ ଗୁରୁତର

**ବୋଡ଼େନ, ୨୩।୧(ସମିସ):** ବୋଡ଼େନ ଥାନା ଅନ୍ତର୍ଗତ ସିନାପାଲି ଓ ବୋଡ଼େନ ବିଜୁ ଏକ୍ସପ୍ରେସୱେ ଲିଟିସର୍ଗୀ ଗାଁ ନିକଟରେ ବାଇକ ଦୁର୍ଘଟଣାରେ ଦୁଇ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସିନାପାଲି ପଟୁ ଏକ ବାଇକ ଯୋଗେ ବୋଡ଼େନ ଥାନା ଅଞ୍ଚଳର କର୍ଲାକୋଟ ଗାଁର ନବୀନ ଜଗତ (୨୨) ଓ ଝସ କେତନ ଦୁରିଆ (୧୭) ନିଜ ଗାଁକୁ ଫେରୁଥିବା ବେଳେ ବିଜୁ ଏକ୍ସପ୍ରେସୱେ ରାସ୍ତାର ଲିଟିସର୍ଗୀ ଗାଁ ନିକଟରେ ବାଇକଟି ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସରେ ଉଭୟଙ୍କୁ ବୋଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥଲେ। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା।

## ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ

**ବୋଡେନ, ୨୩।୧(ସମିସ):** ବିଜୁ ପଟ୍ଟନାୟକ ଜୁନିୟର କଲେଜରେ ଜଗନ୍ନାଥ ସଂସ୍କୃତି ଉପରେ ଆୟୋଜିତ ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ହେମନ୍ତ ମୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଡିଓ ପ୍ରିୟରଞ୍ଜନ କୁମାର, ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀ (କଣ୍ଟାବାଞ୍ଜି କଲେଜ), ପ୍ରାଧ୍ୟାପକ ସାମୁଏଲ ଦାନୀ, ଡ. ସୁଶାନ୍ତ ବିଶି ଯୋଗ ଦେଇଥିଲେ। ଗୟାଧର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଅଧ୍ୟାପକ ଥବିରାମ ଦୀପ ପରିଚାଳନା କରିଥିଲେ।

## ନୃତ୍ୟ ପ୍ରତିଯୋଗିତା

**କଲମପୁର, ୨୩।୧(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅନ୍ତର୍ଗତ ଖଣ୍ଡିଡଙ୍ଗରିଗୁଡ଼ା ଗ୍ରାମଠାରେ ଟୋକି ପର୍ବ ଏବଂ ଧାଙ୍ଗିଡିଦୋଳା ପାଳନ ଅବସରରେ ସୋମବାର ରାତିରେ ଦର୍ଶକଙ୍କ ମନରଞ୍ଜନ ପାଇଁ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପୁରସ୍କାର ବିକେ ଟାଇଗର ବଡକୁଟରୁ, ଦ୍ୱିତୀୟ ପୁରସ୍କାର ମା ସୁନାଦେଇ ନୃତ୍ୟ ଦଳ ସୁନାମାଲ, ତୃତୀୟ ପୁରସ୍କାର ଜୟ ଜଗନ୍ନାଥ ନୃତ୍ୟ ଦଳ ତେନ୍ତୁଳିପଡ଼ା, ଚତୁର୍ଥ ପୁରସ୍କାର ମିସ ବନିତା କୋକସରା, ପଞ୍ଚମ ପୁରସ୍କାର ମିସ ବଲ୍ଲବି ଜୟନ୍ତପୁର, ଷଷ୍ଠ ପୁରସ୍କାର ପାଇଁ ଆରପି ନୃତ୍ୟ ଦଳ ସେମଲା ମନୋନୀତ ହୋଇଥିଲେ। ମୁଖ୍ୟ ଅତିଥି ଭାବରେ ଗୌତମ ବିହାରୀ, ମୁଖ୍ୟ ବକ୍ତା ଭାବରେ ମୋହନ ବାଗ, ସମ୍ମାନିୟ ଅତିଥି ଭାବରେ କୋଟାଗାଁ ସରପଞ୍ଚ ଚନ୍ଦନ କୁମାର ପଣ୍ଡା, ବ୍ୟାଙ୍କ କର୍ମଚାରୀ କୋଦଣ୍ଡ ଧର ବାଗ, ହରିଶ ମଙ୍ଗରାଜ, ସୁରେଶ ଚନ୍ଦ୍ର ବାଗ, ଲିମେଶ୍ୱର ବାଗ, ଫକୀର ବାଗ, ଶରଣ ଶୁନାନି, ଗୌରାଙ୍ଗ ବାଗ, ଗଣେଶ ପଟେଲ, ନୀଳକଣ୍ଠ ସୁନାନି ପ୍ରମୁଖ ମଞ୍ଚାସୀନ ଥିଲେ। ବିଚାରପତି ଭାବରେ ମାର୍କଣ୍ଡ ସୁନାନି, କ୍ଷୀରସିନ୍ଧୁ ବାଗ, ସୁଶାନ୍ତ ବିହାରୀ, ଆତଙ୍ଗ ପଟେଲ ଦାୟିତ୍ୱ ତୁଲାଇଇଥିବାବେଳେ ପବିତ୍ର ବାଗ, ହରିହର କୁମାର ନିଜ ଦାୟିତ୍ୱ ତୁଲାଇଥିଲେ। କ୍ଷେତ୍ର ମୋହନ କୁମାର ମଞ୍ଚ ପରିଚାଳନା କରିଥିଲେ।

## ତରଭାରେ ଅଭିଯୋଗ ଶୁଣାଣି ଶିବିର

**ତରଭା, ୨୩।୧(ସମିସ):** ତରଭା ବ୍ଲକ ସଭାଗୃହରେ ସୋମବାର ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ସମସ୍ତ ଆପତ୍ତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ ଅନିଲ କୁଲୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲଦାର, ବ୍ଲକ କର୍ମଚାରୀ ଯୋଗ ଦେଇଥିଲେ।

# ୨ ମାସର ଚିକିତ୍ସା ପରେ ଫେରୁଛନ୍ତି ଢୋଲକିଆ

**ନୂଆପଡ଼ା, ୨୩।୧(ସମିସ):** ୨ ମାସରୁ ଅଧିକ ହେବ ସ୍ୱାସ୍ଥ୍ୟଗତ ସମସ୍ୟା ହେତୁ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁମ୍ବାଇସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏବେ ସେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ଘରକୁ ଫେରୁଛନ୍ତି। ତାଙ୍କୁ ସ୍ୱାଗତ କରିବାକୁ ଜିଲ୍ଲାସ୍ତରରେ ପ୍ରସ୍ତୁତି କରାଯାଉଛି। ଖରିଆରରୋଡ଼ସ୍ଥିତ ଏକ ଧର୍ମଶାଳାରେ ବିଜେଡି ରାଜ୍ୟ ସମ୍ପାଦକ ରାଜେଶ ନିଗମଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏକ ପ୍ରଚାର କାର୍ଯ୍ୟକ୍ରମରେ ଢୋଲକିଆ ପଡ଼ିଯିବାରୁ ତାଙ୍କ ଡାହାଣ ଗୋଡରେ କ୍ଷତ ସୃଷ୍ଟି ହୋଇଥିଲା। ଗୁରୁତର ହେବାରୁ ପ୍ରଥମେ ରାୟପୁରସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଅସ୍ତ୍ରୋପଚାର

### ସ୍ୱାଗତ ପାଇଁ ପ୍ରସ୍ତୁତି

ହୋଇ ନ ପାରିବାରୁ ମୁମ୍ବାଇସ୍ଥିତ ଏକ ହସ୍ପିଟାଲରେ ଅସ୍ତ୍ରୋପଚାର କରାଯାଇଥିଲା। ତେବେ ୨୬ତାରିଖ ରେସେ ମୁମ୍ବାଇରୁ ରାୟପୁର ଆସିବେ ସେହି ଦିନ ନୂଆପଡ଼ା ଜିଲ୍ଲା ଖରିଆରରୋଡ଼ ବିଜେଡି ତରଫରୁ ଶହେରୁ ଅଧିକ ଚାରିଚକିଆ ଯାନ, ବାଇକ ରାୟପୁର ଯାଇ ସେଠାରୁ ମନ୍ତ୍ରୀଙ୍କୁ ପାଛୋଟି ଆଣିବେ। ସନ୍ଧ୍ୟାରେ ଖରିଆରରୋଡ଼ ସହରରେ ଭବ୍ୟ ସ୍ୱାଗତ କରାଯିବ। ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସେ ମାଲ୍ୟାର୍ପଣ କରିବେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ଜୟ ଢୋଲକିଆ, ବଣ୍ଟି ଡାଗା, ପୂର୍ବତନ ନଗରପାଳ ରାଜୁ ଚୌହାନ, ଶେଖର ଜୈନ, ମନ୍ମିତ ସିଂ ଗୁରୁଦତା, ଭଗବତୀ ବେନ ପଟେଲ, ରାମଲାଲ ହଂସ, ଜିଲ୍ଲା ପରିଷଦ ସଭ୍ୟ ଅବନି ରଞ୍ଜନ ଯୋଷୀ ପ୍ରମୁଖ ଉପସ୍ଥିତ ଥିଲେ।

# ଉକ୍ରେଲା ବିକାଶ ମଞ୍ଚର ବନ୍ଧୁ ମିଳନ

**କେସିଙ୍ଗା, ୨୩।୧(ସମିସ):** କେସିଙ୍ଗା ବ୍ଲକ ଉକ୍ରେଲା ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ସକାଶେ ଗଠିତ ଉକ୍ରେଲା ବିକାଶ ମଞ୍ଚର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଯୋଗମାୟା ପିଠ ଗୁର୍ଜିମୁଣ୍ଡାଠାରେ ଅନୁଷ୍ଠିତ ହୋଇଥିଲା। ବିକାଶ ମଞ୍ଚର ସଭାପତି ଅନିରୁଦ୍ଧ ସାହୁ, ସମ୍ପାଦକ ଟଙ୍କଧର ନାଏକଙ୍କ ନେତୃତ୍ୱରେ ଉକ୍ତ ପିଠରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ସମସ୍ୟା ଓ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସମାଧାନ କିପରି କରାଯାଇ ପାରିବ ସେହି ବିଷୟରେ ଆଲୋଚନା କରାଯାଇଥିଲା। ବିକାଶ ମଞ୍ଚର ବରିଷ୍ଠ ସଦସ୍ୟ ବେଲାଲସନ ବେହେରା, ଜୟହରି ପୁଟେଲ, ନବ କିଶୋର ନାଏକ, ଉକ୍ରେଲା ସମିତି ସଭ୍ୟ ତ୍ରିନାଥ ମାଝୀ, ସାମ୍ବାଦିକ ଅର୍ଜୁନ ପୋଢ, ପବନ କୁମାର ଜୈନ, ଗିରିଜା ବେହେରା, ଅଯୋଧ ଦିପ୍, ହରିଶଙ୍କର ପୁଟେଲ, ମର୍ଦ୍ଦରାଜ ସାହୁ, ବାପି ବେହେରା, ଅଗସ୍ତି ସା, ରାଜକୁମାର ଅଗ୍ରୱାଲ, ସାଧୁଚରଣ ଭୋଇ, ସୌଦାମିନି ମାଝୀ, କିକିଆ ସରପଞ୍ଚ କିଶୋର କୁମାର ପ୍ରଧାନ ଓ କୁଣ୍ଡାବନ୍ଧ ସରପଞ୍ଚ ରୋଜି ପ୍ରଧାନ ଯୋଗ ଦେଇଥିଲେ।




# ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ପରାକ୍ରମ ଦିବସ

**ଭବାନୀପାଟଣା, ୨୩।୧ (ସମିସ):** ପିଏମ୍ ଶ୍ରୀ କେ.ଭି ଭବାନୀପାଟଣା ରାଜ୍ୟ ବୋର୍ଡ ବିଦ୍ୟାଳୟ ସମେତ ନିକଟସ୍ଥ ସିବିଏସଇ ବିଦ୍ୟାଳୟଗୁଡ଼ିକରେ ଚିତ୍ର ପ୍ରତିଯୋଗିତା ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ବାର୍ଷିକ ଦିବସ ଅବସରରେ ପରାକ୍ରମ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଆଚାର୍ଯ୍ୟ ଭୀମସେନ ପଣ୍ଡା ଏବଂ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅର୍ଥନୀତି ପ୍ରଫେସର ଡକ୍ଟର ସୀମାଞ୍ଚଳ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ୧୭ ସିବିଏସଇ ଅନୁବନ୍ଧିତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଚନ୍ଦ୍ରଯାନ, ଭାରତର କ୍ରୀଡା ସଫଳତା, ପରୀକ୍ଷା କିପରି ଜୀବନର ଜଡ଼ିତ ହୋଇପାରିବ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା। ସମସ୍ତ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲିଖିତ ପରୀକ୍ଷା ୱାରିୟର୍ସ ପୁସ୍ତକ ସହିତ ଡିଜିଟାଲ୍ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଚିତ୍ରାଙ୍କନ ପ୍ରତିଯୋଗିତାର ଶ୍ରେଷ୍ଠ ୫ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ୱାରିୟର୍ସ ପୁସ୍ତକ ଏବଂ ମୁଦ୍ରିତ ପ୍ରମାଣପତ୍ର ସହିତ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା।




# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ଶଗଡ଼ା, ୨୩।୧ (ସମିସ)**

କନ୍ଧମାଳ ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ପକ୍ଷରୁ ପରିବାର ସମ୍ପର୍କ ଯାତ୍ରା ତଥା ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। କନ୍ଧମାଳ ନିର୍ବାଚନ ମଣ୍ଡଳୀର କୁଲୁତାଯୋର ପଞ୍ଚାୟତ ଫାସେଡ ଗ୍ରାମରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ କନ୍ଧମାଳ ବିଧାୟକ ମହୀଧର ରଣାଙ୍କ ଉପସ୍ଥିତିରେ ଯୁବନେତା ସୁଧାଂଶୁ ରଣା, ବିଜୁ ଜନତା ଦଳର ଅନେକ କର୍ମକର୍ତ୍ତା, କର୍ମୀ ଭାଇଭଉଣୀ ସାମିଲ ହୋଇଥିଲେ। ଗ୍ରାମରେ ଶତାଧିକ କର୍ମକର୍ତ୍ତା ଦଳୀୟ ପତାକା ସହ ଗ୍ରାମ ପରିକ୍ରମା କରି ପ୍ରତ୍ୟେକ ଘରେ ଶଙ୍ଖ ଚିହ୍ନ ପୋଷ୍ଟର ଲଗାଇଥିଲେ।

ନୂଆପଡ଼ା /କୋମନା: ରାଜ୍ୟ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକର ଯୋଜନାଗୁଡିକର ସୁଫଳ ପହଞ୍ଚାଇବା ସହ ଜନ ସଚେତନତା ଆଣିବାକୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କ୍ରମରେ ଜିଲ୍ଲା ବିଜେଡି ସଭାପତି ମନୋଜ ମିଶ୍ର ଏହାର ଶୁଭାରମ୍ଭ କରିଛନ୍ତି। କୋମନା ବ୍ଲକ ସିଆଲଟି ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ତଥା ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ କାଳିଆ ପ୍ରଧାନ ସଭାପତିତ୍ୱ କରିଥିଲେ। ଜିଲ୍ଲା ସଭାପତିଙ୍କ ସହ ଯୁବ ବିଜେଡି ନେତା ମହେନ୍ଦ୍ର ନିଆଲ, ଜିଲ୍ଲା ପରିଷଦ ସଭ୍ୟ ମୁରଲୀ ଭୋଇ ପ୍ରମୁଖ ଯୋଗ ଦେଇଥିଲେ।





### ଗୋରୁ ବୋଝେଇ ଟ୍ରକ୍ ଓଲଟିବା ଘଟଣା

# ଗୋଟିଏ ଗାଡ଼ିରେ ଦୁଇଟି ରାଜ୍ୟର ନମ୍ବର

**ସୋନପୁର, ୨୩।୧ (ସମିସ):** ସୋନପୁର ଥାନା ଅର୍ଜୁନପୁର-ବୁର୍ଡା ରାସ୍ତା କର୍ଲାଖମନ ଛକରେ ସୋମବାର ଭୋରରେ ଏକ ଗୋରୁ ବୋଝେଇ ଟ୍ରକ୍ ଓଲଟି ୧୪ଟି ଗୋରୁଙ୍କ ମୃତ୍ୟୁ ଘଟିଛି। ତେବେ ଏହି ଦୁର୍ଘଟଣା ପରେ ନାନାଦି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଗୋରୁ ବୋଝେଇ ଟ୍ରକର ଆଗରେ ଗୋଟିଏ ନମ୍ବର ଥିବା ବେଳେ ପଛରେ ଅନ୍ୟ ଏକ ନମ୍ବର ରହିଛି। ଆଗ ପଟରେ ଜେଏଚ୍ ୦୫ ଏ ୨୯୩୨ ରହିଥିବା ବେଳେ ଟ୍ରକର ପଛରେ ଡବ୍ଲୁବି ୩୩ ଏଫ୍ ୧୯୫୨ ନମ୍ବର ଲେଖା ହୋଇଛି। ଗୋଟିଏ ନମ୍ବର ପ୍ଲେଟ ପଶ୍ଚିମବଙ୍ଗ ଏବଂ ଅନ୍ୟ ନମ୍ବର ପ୍ଲେଟ ଝାଡଖଣ୍ଡ ରାଜ୍ୟର। ତେବେ ପ୍ରକୃତରେ ଗାଡିଟି କେଉଁ ରାଜ୍ୟର, ମାଲିକ କିଏ ଏବଂ କେଉଁ ସ୍ଥାନରୁ କେଉଁ ସ୍ଥାନକୁ ଗୋ ଚାଲାଣ ହେଉଥିଲା ସେ ନେଇ ପୁଲିସ୍ ସ୍ପଷ୍ଟ ଭାବେ ଜାଣି ପାରିନାହିଁ। ତେବେ ତଦନ୍ତକାରୀ ଅଧିକାରୀଙ୍କ ସୂଚନା ଅନୁସାରେ ବୁର୍ଡା ପଟୁ ସୋନପୁର ପଟକୁ ଯାଉଥିଲା। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ବୁର୍ଡା ନିକଟସ୍ଥ କୌଣସି ଏକ ପଶୁ ହାଟରୁ ରବିବାର ରାତିରେ ଗୋ ଚାଲାଣ ହେଉଥିଲା। ଏହି ରାକେଟ ପଛରେ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତିକୁ ଏଡାଇ ଦିଆଯାଇ ନ ପାରେ। ତେବେ ପ୍ରତି ସପ୍ତାହ ରବିବାର ବିଳମ୍ବିତ ରାତିରେ ଏହି ରାସ୍ତା ଦେଇ ଗୋ ଚାଲାଣ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ସୋମବାର ଭୋରରେ ଗୋରୁ ବୋଝେଇ ଏହି ୧୬ ଚକିଆ ଟ୍ରକଟି ଓଲଟି ପଡ଼ିବାରୁ ଟ୍ରକ୍ ତଳେ ଚାପି ହୋଇ ୧୪ଟି ଗୋରୁଙ୍କ ମୃତ୍ୟୁ ଘଟିଥିଲା। ଟ୍ରକ ତଳୁ ୫ଟି ଗୋରୁ ସୁରକ୍ଷିତ ଉଦ୍ଧାର ହୋଇଥିଲେ। ୪୦ରୁ ଅଧିକ ଗୋରୁ ବୋଝେଇ କରି ପଶ୍ଚିମବଙ୍ଗ ଚାଲାଣ ହେଉଥିଲା।




## ମେଣ୍ଡାରେ '୧୪୪'

**ତରଭା, ୨୩।୧(ସମିସ):** ତରଭା ଥାନା ମେଣ୍ଡା ଗ୍ରାମରେ ୧୪୪ ଧାରା ଜାରି ହୋଇଛି। ଗତ ଶନିବାର ଗାଁର ସନ୍ତୋଷ ହାତୀ (୪୨)ହତ୍ୟାକାଣ୍ଡକୁ ନେଇ ପୁଲିସ ଏହି ପଦକ୍ଷେପ ନେଇଛି। ୬ ଜଣ ଅଭିଯୁକ୍ତଙ୍କୁ ତରଭା ପୁଲିସ ଗିରଫ କରିବାରୁ ଉତ୍ତେଜନା ଲାଗି ରହିଛି। ସମଗ୍ର ଗାଁ ପୁଲିସ ପ୍ରହରା ଭିତରେ ରହିଛି। ସୋମବାର ଅଭିଯୁକ୍ତଙ୍କ ପରିବାରର ପାଳ ଗଦାରେ କେହି ନିଆଁ ଲଗାଇ ଦେଇଥିଲା। ଏହାପରେ ପୁଲିସ ଫ୍ଲାଗମାର୍ଚ୍ଚ କରିବା ସହ ଶାନ୍ତି କମିଟି ବୈଠକ କରିଥିଲା। ଗାଁରେ ପରିସ୍ଥିତି ନିମନ୍ତ୍ରଣାଧୀନ ରହିଥିବା ପୁଲିସ କହିଛି। ଶେଷରେ ମଙ୍ଗଳବାର ସନ୍ଧ୍ୟାରେ ୧୪୪ଧାରା ଜାରି କରାଯାଇଛି। ଏ ନେଇ ପୁଲିସ ମାଇକ୍ ଯୋଗେ ପ୍ରଚାର କରିଛି। ମେଣ୍ଡା ଫାଣ୍ଡି ଅଧିକାରୀ ରବୀନ୍ଦ୍ର ସାହୁ କହିଛନ୍ତି ଯେ, ପରିସ୍ଥିତି ନିମନ୍ତ୍ରଣାଧୀନ ରହିଛି।

## ଆସାମ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ

**ବୌଦ୍ଧ, ୨୩।୧(ସମିସ):** ବୌଦ୍ଧ ଜିଲ୍ଲା କଂଗ୍ରେସ ତରଫରୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। କଂଗ୍ରେସ ନେତା ରାହୁଲ୍ ଗାନ୍ଧୀଙ୍କ ମଣିପୁରଠାରୁ ଗୁଜୁରାଟ ପର୍ଯ୍ୟନ୍ତ ଭାରତ ଯୋଡ ନ୍ୟାୟ ଯାତ୍ରା ଚାଲିଛି। ଆସାମ ମୁଖ୍ୟମନ୍ତ୍ରୀ ରାହୁଲଙ୍କ ଏହି ନ୍ୟାୟ ଯାତ୍ରାକୁ ପୁଲିସ ଲଗାଇ ଭଣ୍ଡୁର କରିବାକୁ ଉଦ୍ୟମ କରିଥିବା କଂଗ୍ରେସ ଅଭିଯୋଗ କରିଛି। ଆସାମ ମୁଖ୍ୟମନ୍ତ୍ରୀଙ୍କ ଏଭଳି ଅଗଣତାନ୍ତ୍ରିକ କାର୍ଯ୍ୟକୁ ବୌଦ୍ଧ ଜିଲ୍ଲା କଂଗ୍ରେସ ଦୃଢ଼ ନିନ୍ଦା କରିଛି। ଜିଲ୍ଲା କଂଗ୍ରେସ ସଭାପତି ନବ ମିଶ୍ର, ଶାନ୍ତନୁ ମହାପାତ୍ର, ସମରେଶ ମିଶ୍ର, ବିଶ୍ୱଜିତ୍ ମିଶ୍ର, ପଙ୍କଜ କର୍ଣ୍ଣ, ଅର୍ଜୁନ ମହାନନ୍ଦିଆ, ବୁଦ୍ଧଦେବ ପ୍ରଧାନ, ଜୟନ୍ତ ପାଣିଗ୍ରାହୀ, ବେଣୁଧର ମେହେର, ରୋହିତାସ୍ୱ ବେହେରା, ଶିବ ଶଙ୍କର ବେହେରା, କିଶୋର ହାତୀ, ଗଣ୍ଡକ୍ଷଧର ସ୍ୱାଇଁ, ପ୍ରମୋଦ ପ୍ରଧାନ, ତ୍ରିନାଥ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ସର୍ବଭାରତୀୟ ଲାଲମନି କ୍ରିକେଟ

# ନାଗପୁର କରିମ୍ ସ୍ପୋର୍ଟିଂ ସେମିରେ



**ସୋନପୁର, ୨୩।୧(ସମିସ):** ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଲାଲମନୀ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ନାଗପୁର କରିମ୍ ସ୍ପୋର୍ଟିଂ ସୋନପୁର ଜିଲ୍ଲା କ୍ରିକେଟ୍ ସଂଘକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ଟି୨୦ ମ୍ୟାଚରେ ନାଗପୁର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ଓଭରରେ ନାଗପୁର ଦଳ ୬ ଉଇକେଟ୍ ହରାଇ ୧୩୫ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆଶୁତୋଷ ସିଂହ ସର୍ବାଧିକ ୨୯ ବଲ୍‌ରେ ୫୧ ରନ୍ କରିଥିଲେ। ସେହିପରି ରକି ରାଜ ୨୪ ବଲ୍‌ରେ ୨୭ ରନ୍ କରିଥିଲେ। ସୋନପୁର ଦଳର ସୁମନ ମହାରଣା ଓ କେଜି କ୍ରିଷ୍ଣା ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଏହାର ଜବାବରେ ସୋନପୁର ଦଳ ୯ ଉଇକେଟ୍ ହରାଇ୧୧୧ ରନ୍‌ରେ ସୀମିତ ହୋଇଯାଇଥିଲା। ଦଳ ପକ୍ଷରୁ ସୁରଜ ମହାପାତ୍ର ୨୮ ବଲ୍‌ରେ ୩୭ ରନ୍ ଓ କେ.ଗୋପାଳ କ୍ରିଷ୍ଣା ୧୪ ବଲ୍‌ରେ ୧୮ ରନ୍ କରିଥିଲେ। ସେହିପରି ଟି୧୦ ମ୍ୟାଚରେ ନାଗପୁର ଦଳ ୫ ଉଇକେଟ୍ ହରାଇ ୧୦୦ ରନ୍ କରିଥିଲା। ଜବାବରେ ସୋନପୁର ଦଳ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ୍ ହରାଇ ୯୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ନାଗପୁର ଦଳର ଆଶୁତୋଷ ସିଂହଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଛି। ସୋନପୁର ଥାନା ଆଇଆଇସି ପଦ୍ମାସିନୀ ମେହେର ଅତିଥି ଭାବେ ଯୋଗ ଦେଇ ମ୍ୟାଚକୁ ଶୁଭାରମ୍ଭ କରିଥିଲେ। ଓସିଏ ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ଅମୀୟ ଭୂଷଣ ସାହୁ ଏବଂ ଶ୍ୟାମସୁନ୍ଦର ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ।

## ମତଦାତା ସଚେତନତା କାର୍ଯ୍ୟକ୍ରମ




**ନୂଆପଡା,୨୩।୧(ସମିସ):** ଜାତୀୟ ମତଦାତା ଦିବସ -୨୦୨୪କୁ ଦୃଷ୍ଟିରେ ରଖି ସ୍ଥାନୀୟ ସିଲଦା ଗ୍ରାମରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବୁଥ୍ ସ୍ତରୀୟ ଅଧିକାରୀ ପ୍ରଦୀପ୍ତ କୁମାର ରଥଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିବାବେଳେ ପ୍ରଥମେ ଏକ ଭୋଟର ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଗ୍ରାମର ବରିଷ୍ଠ ନାଗରିକ ମହେଶ ଦାସ। ଏଥିରେ ସମସ୍ତ ନୂତନ ଭୋଟର, ଆସନ୍ତା ବର୍ଷକୁ ହେବାକୁ ଥିବା ଭୋଟର, ଉଦୀୟମାନ ଶିକ୍ଷାପ୍ରେମୀ, ଲୋକ ପ୍ରତିନିଧି ସମ୍ମିଳିତ ହୋଇଥିଲେ। ଏହାପରେ ବୁଥସ୍ତରୀୟ ଅଧିକାରୀ ସମସ୍ତଙ୍କୁ ଭୋଟ୍ ଦାନର ଗୁରୁତ୍ୱ, ପ୍ରକ୍ରିୟା ବିଷୟରେ ବୁଝାଇଥିଲେ। ଏହି ପରିପ୍ରେକ୍ଷୀରେ ମତଦାନ ସମ୍ପର୍କୀୟ ଏକ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ଏବଂ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗ୍ରାମର ବିଶିଷ୍ଟ ଶିକ୍ଷାପ୍ରେମୀ ପୁରୁଷୋତ୍ତମ ପାଣ୍ଡେ, ଲୋକ ପ୍ରତିନିଧି ଲଳିତ ପାଣ୍ଡେ, କୈଳାସ ପାଣ୍ଡେ ଓ ବରିଷ୍ଠ ନାଗରିକ ମହେଶ ଦାସ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ବିଚାରକ ଭାବରେ ଯୋଗଦାନ କରିଥିଲେ ସରକାରୀ ଉଚ୍ଚ ବିଦ୍ୟାଳୟ ମାଗୁରପାଣିର ଅଭିଜ୍ଞ ଶିକ୍ଷକ ସଞ୍ଜୀବ ପଧାନ ଓ ଯୋଗେନ୍ଦ୍ର ବେହେରା। କୁଇଜ୍ ପ୍ରତିଯୋଗିତାରେ ମମିତା ପାଣ୍ଡେ, ମନିଷ୍ ଦଣ୍ଡସେନା ଓ ନବୀନ ପାଣ୍ଡେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲାବେଳେ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତାରେ ମମିତା ପାଣ୍ଡେ, ସୋନାଲି ମିତ୍ର ଓ ନିର୍ମଳ ଯାଦବ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ମତଦାତା ଦିବସରେ ପୁରସ୍କାର ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯିବ ବୋଲି ଘୋଷଣା କରାଯାଇଛି।

## ଜାତୀୟ ବାଳିକା ଦିବସ ପାଳିତ




**କଲମପୁର,୨୩।୧(ସମିସ):** କଲମପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଆରସିସି ହେମନ୍ତ ପଣ୍ଡା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ ପାୟଲ ମେହେର, ବକ୍ତୃତାରେ ତନିଷ୍କା ଶର୍ମା ଓ ଚିତ୍ରାଙ୍କନରେ ସ୍ୱାସତିକା ବେହେରା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସିନିୟର ବିଭାଗ ପ୍ରବନ୍ଧରେ ସ୍ନୋଭି ପାଣ୍ଡେ, ବକ୍ତୃତାରେ ଯସ୍ମିନ ବେଶ୍ରା ଓ ଚିତ୍ରାଙ୍କନରେ ତନିଷ୍କା ରାଜପୁରୋହିତ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ଅତିଥି ଭାବେ ଶୁଭେନ୍ଦୁ ପଣ୍ଡା ଓ ମନ୍ମଥ ମିଶ୍ର ଅଂଶ ଗ୍ରହଣ କରିଥିଲେ। କଲମପୁର ସିଆରସିସି ନବଘନ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ କଲମପୁର ଉ.ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବରାଜ ବେମାଲ, ଘନଶ୍ୟାମ ନାଏକ, ସିଆରସିସି ମନୋଜ ମେହେର, ସତ୍ୟାନନ୍ଦ ନାଏକ, ବିଜୟ ସୁରଦେଓ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକ ସୁଦାମ ଚରଣ ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଭାଷା ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ

**ସିନାପାଲି,୨୩।୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଲଳିତ ସୁନାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକାର୍ଯ୍ୟରେ ଅତିଥି ଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ବିଶେଷଜ୍ଞ ସଦସ୍ୟା ମନ୍ଦାକିନୀ ବଘେଲ, ଅବସରପ୍ରାପ୍ତ ତହସିଲଦାର ହୃଦାନନ୍ଦ ମାଝୀ, ସିନାପାଲି ସାମ୍ବାଦିକ ସଂଘ ସଭାପତି ଅଜିତ ଯୋଷୀ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ମନୋରଞ୍ଜନ ମେହେର ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ମହେଶ ମେହେର ଧନ୍ୟବାଦ ଦେଇଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲାଗିଲା ନିଆଁ

### ଅଳ୍ପକେ ବର୍ତ୍ତିଲେ ମହିଳା ଓ ନବଜାତକ

**ଭବାନୀପାଟଣା,୨୩।୧(ସମିସ)**

ସ୍ଥାନୀୟ ସହିଦ ରେଣ୍ଡୋ ମାଝୀ ଭେସଜ୍ ମହାବିଦ୍ୟାଳୟ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ମାତୃ ଓ ଶିଶୁ ଚିକିତ୍ସା ୱାର୍ଡର ୪ର୍ଥ ମହଲାରେ ସୋମବାର ବିଳମ୍ବିତ ରାତିରେ ନିଆଁ ଲାଗି ଅନେକ ସାମଗ୍ରୀ, ଔଷଧ ନଷ୍ଟ ହୋଇଥିବା ବେଳେ ଏହି ୱାର୍ଡରେ ଭର୍ତ୍ତି ହୋଇଥିବା ଅନେକ ମହିଳା, ଗର୍ଭବତୀ ମହିଳା ଓ ନବଜାତ ଶିଶୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ୨ ଘଣ୍ଟାର ପରିଶ୍ରମ ପରେ ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିବାରେ ସଫଳତା ପାଇଥିଲା। ନିଆଁ ଲାଗିବାର କାରଣ ସର୍ଟ ସର୍କିଟ୍ ବୋଲି ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସ୍ପଷ୍ଟ କରିଛନ୍ତି।



ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଥିବା ମାତୃ ଓ ଶିଶୁ ଚିକିତ୍ସା ବିଭାଗର ଚତୁର୍ଥ ମହଲାର ୩୯ ନମ୍ବର ବେଡ୍ ନିକଟରେ ଥିବା ଆଲାରାମ ବାଜିବାରୁ ଦାୟିତ୍ୱରେ ଥିବା ଆଟେଣ୍ଡାଣ୍ଟ ଖବର ପାଇ ବେଡ୍ ନିକଟକୁ ଯାଇ ରୋଗୀଙ୍କ ସମ୍ପର୍କୀୟଙ୍କ ସହ କଥା ହେବା ପରେ ନିଆଁ ଲାଗିଥିବା ଜାଣିବାକୁ ପାଇ ତୁରନ୍ତ ମେଡ଼ିକାଲ ଅଧିକାରୀଙ୍କୁ ଖବର ଦେଇଥିଲେ। ଖବର ପାଇ ମେଡିକାଲ ଅଧିକାରୀ ପହଞ୍ଚିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। କଳାହାଣ୍ଡି ଏସ୍‌ପି ଓ ଜିଲ୍ଲାପାଳ ମଧ୍ୟ ମେଡିକାଲରେ ପହଞ୍ଚିଥିଲେ। ସମସ୍ତ ନବଜାତକ ଓ ମହିଳାଙ୍କୁ ଉଦ୍ଧାର କରି ତଳକୁ ଆଣିବା ସହ ନିଆଁଲିଭା କାର୍ଯ୍ୟ ହୋଇଥିଲା। ଅଗ୍ନିଶମ ବିଭାଗର ୨ ଘଣ୍ଟାର ଅପରେସନ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ସଟ ସର୍କିଟ ଯୋଗୁଁ ମେଡିକାଲରେ ନିଆଁ ଲାଗିଥିବା ନେଇ ଅତିରିକ୍ତ ଜିଲ୍ଲା ମେଡିକାଲ ଅଧିକାରୀ ରଞ୍ଜନ ମିତ୍ର ସୂଚନା ଦେଇଥିଲେ। ସମସ୍ତ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ଏଥିରେ କୌଣସି ରୋଗୀ ପ୍ରଭାବିତ ହୋଇ ନ ଥିବା ବେଳେ ମେଡ଼ିକାଲର କିଛି ସାମଗ୍ରୀ ପୋଡି ନଷ୍ଟ ହୋଇଥିଲା। ତେବେ ଏଭଳି ନିଆଁ କିପରି ଲାଗିଲା ଓ କାହିଁକି ଏଭଳି ପରିସ୍ଥିତି ସୃଷ୍ଟି ହେଲା ତାର ତଦନ୍ତ କରି ରିପୋର୍ଟ ଦେବାକୁ କଳାହାଣ୍ଡି ଜିଲ୍ଲାପାଳ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



## "ଏକ୍ ଶାମ୍ ରାମଜୀ କେ ନାମ'

**ଭବାନୀପାଟଣା,୨୩।୧(ସମିସ)**

ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ସ୍ଥାନୀୟ ବିକାଶ ଉଇସ୍‌ଡମ୍ ପାର୍କ ପରିସରରେ "ଏକ ଶାମ ରାମଜୀ କେ ନାମ' କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନଗର କୀର୍ତ୍ତନ୍ୟ ହୋଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ ଓ ଡି. ରାମ କୁମାର, ଏକାଡେମୀକ ଇନ୍ ଚାର୍ଜ ଡି. ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି.ପଦ୍ମିନୀ ପ୍ରମୁଖ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେହିଭଳି ଶ୍ରୀରାମଙ୍କ ଉପରେ ଆଧାରିତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ବିଦ୍ୟାର୍ଥୀ ଓ ଅଭିଭାବକ ୩ ହଜାର ୧ଶହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହା ପରେ ପରେ ନର୍ସରୀରୁ ଦ୍ୱିତୀୟ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଫେନ୍ସି ଡ୍ରେସ ପ୍ରତିଯୋଗିତା ଏବଂ ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ମଧ୍ୟରେ ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପ୍ରାୟ ୨ ଶହରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ଆରତୀ ମିଶ୍ର, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




## ମୁଣ୍ଡରାଗୁଡ଼ାରେ ଗ୍ରାମୀଣ ସଚେତନତା ସମାବେଶ

**ଭବାନୀପାଟଣା,୨୩।୧(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ମୁଣ୍ଡରାଗୁଡାଠାରେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେସନ ଓ ମୁଣ୍ଡରାଗୁଡା ଗ୍ରାମ ପଞ୍ଚାୟତସ୍ତରୀୟ ସଂଘର ମିଳିତ ଆନୁକୂଲ୍ୟରେ ଗ୍ରାମୀଣ ସଚେତନତା ସମାବେଶ ଆୟୋଜିତ ହେଇଯାଇଛି। ଜିପିଏଲଏଫ୍ ସଭାନେତ୍ରୀ ଅଞ୍ଜଳି ମୁଣ୍ଡଙ୍କ ସଭାପତିତ୍ୱରେ ବରିଷ୍ଠ ସାମ୍ବାଦିକ ଶାନ୍ତନୁ ବେହେରା ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ମାରୱାଡି ମହିଳା ସମିତି ଜୁନାଗଡ଼ ସଭାନେତ୍ରୀ କାନ୍ତା ମିତ୍ତଲ, ଚିନ୍ମୟ ବେହେରା, ଯୁବ ସଂଗଠକ ପ୍ରଭାତ ଦାସ, କ୍ଷମାଶୀଳା ଛତ୍ରିଆ, ଜୟସେନ ନାଏକ, ଶିକ୍ଷାବିତ ଧିରେନ୍ଦ୍ର ମେହେର, ପ୍ରବୀଣ ପଣ୍ଡା ପ୍ରମୁଖ ଯୋଗଦେଇ ଗାଁର ଅର୍ଥନୀତି ଓ ସାମାଜିକ ବିକାଶରେ ଦେଶର ବିକାଶ ବୋଲି ମତପ୍ରକାଶ କରିବା ସହ ନେତାଜୀଙ୍କ ତ୍ୟାଗପୁତ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସଂଗଠନ ସଂପାଦକ ଅବିନାଶ ମୁଣ୍ଡ ସ୍ୱାବଲମ୍ବୀ, ସ୍ୱ ରୋଜଗାର ଓ ମହିଳା ସଶକ୍ତିକରଣ ସମ୍ବନ୍ଧରେ ସମବେତ ସମାବେଶକୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ସସ୍ମିତା ନାଏକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୋଷ୍ଠୀ ସହାୟିକା ପଦ୍ମାବତୀ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମୁଣ୍ଡରାଗୁଡା ଗ୍ରାମର ଆଖପାଖ ଅଞ୍ଚଳରୁ ୬୦ରୁ ଅଧିକ ଗରିବ ଅସହାୟ ବ୍ୟକ୍ତି ଓ ବିଧବାଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। ଶେଷରେ ସଞ୍ଜୟ ସୁନାନୀ ଧନ୍ୟବାଦ ଅର୍ପଣ କରିଥିଲେ।







## ନିର୍ମାଣ ଶ୍ରମିକ ସହାୟତା ରାଶି ବଣ୍ଟନ ଶିବିର

**ନର୍ଲା,୨୩।୧(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲାସ୍ଥିତ ପେସିଫିକ୍ ପବ୍ଲିକ ସ୍କୁଲ ପରିସରରେ ନିର୍ମାଣ ଶ୍ରମିକ ସହାୟତା ରାଶି ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ନର୍ଲା ବିଧାୟକ ପ୍ରତିନିଧି ପରେଶ୍ ପଧାନ, ପରିଷଦ ସଭ୍ୟ ହରିଶଙ୍କର ମାଝୀ, ସଭ୍ୟା ନମ୍ରତା ସାହୁ, ଲିଲି ଦୀପ, ବିଡିଓ ଏନ୍ ଜନଜୀବନ ଚୌଧୁରୀ, ଜିଲ୍ଲା ଶ୍ରମ୍ କାର୍ଯ୍ୟାଳୟର କର୍ମକର୍ତ୍ତା ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କୁ ବିଭିନ୍ନ ସାମାଜିକ ସହାୟତା ରାଶି ପ୍ରଦାନ କରିଥିଲେ। ୧୫୩ ଜଣଙ୍କୁ ୨ କୋଟି ୯୫ ଲକ୍ଷ ଟଙ୍କା, ୪୬୧ ଜଣଙ୍କୁ ୨ କୋଟି ୨୨ ଲକ୍ଷ ୭୫ ହଜାର ଟଙ୍କା, ୧୪୦ ଜଣଙ୍କୁ ମୃତ୍ୟୁକାଳୀନ ଅନ୍ତେଷ୍ଟି ପାଇଁ ୬୫ ଲକ୍ଷ ଟଙ୍କା, ୪୫ ଜଣଙ୍କୁ ୩ ଲକ୍ଷ ୨ ହଜାର ୨୦୦ ଟଙ୍କା, ୯ ଜଣଙ୍କୁ ୯୦ ହଜାର ଟଙ୍କା ମାତୃ କାଳୀନ ସହାୟତା ଏଭଳି ମୋଟ୍ ୭୯୮ ଜଣଙ୍କୁ ୫ କୋଟି ୨୮ ଲକ୍ଷ ୧୭ ହଜାର ୨୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିବା ଜିଲ୍ଲା ସୂଚନା ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି।

## ସୁଧୀର ଗୋପାଳ ଇଣ୍ଡିଆ ଆଇକନ ପୁରସ୍କାରରେ ସମ୍ମାନିତ



**ଧର୍ମଗଡ,୨୩।୧(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ସେମଲା ଗ୍ରାମର ସୁଧୀର ଗୋପାଳ ରାଜସ୍ଥାନର କୋଟାର ଜ୍ଞାନ ଉଦୟ ଫାଉଣ୍ଡେସନ ପକ୍ଷରୁ ଇଣ୍ଡିଆ ଆଇକନ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ବର୍ତ୍ତମାନ ସେ ପର୍ଲା ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ଭାବେ କାର୍ଯ୍ୟରତ।



## 'ରୋଜଗାର ଦିଅ ନ୍ୟାୟ ଦିଅ' ଅଭିଯାନ ଆରମ୍ଭ

**କୋମନା,୨୩।୧(ସମିସ):** ନୂଆପଡ଼ା ଜିଲା ଯୁବ କଂଗ୍ରେସ ପକ୍ଷରୁ ମଙ୍ଗଳବାର ରୋଜଗାର ଦିଅ ନ୍ୟାୟ ଦିଅ ଅଭିଯାନ ଆରମ୍ଭ ହୋଇଛି। ନୂଆପଡ଼ା ଜିଲ୍ଲା ଯୁବ କଂଗ୍ରେସ ସଭାପତି ଅମିତ କୁମାର ଅହୀରଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଯାଇଛି। ସହରୁଖ ଖାନ, ଉମାକାନ୍ତ ବନଛୋର, ପପୁ ମହରା, କ୍ଷମା ଗହିର, ଶୁଭମ ସେଠୀ, ଜଗଦୀଶ ବନଛୋର, ତରୁ ମାଝୀ, ପାର୍ଥ ଜାଲ,ଧନସିଂ ମାଝୀ, ମୁରଲୀ ଦୀପ, ଅନନ୍ତ ସିନ୍ଦୂର, ବାଞ୍ଛାନିଧି ଗହିର ପ୍ରମୁଖ ସାମିଲ ହୋଇଥିଲେ।

# ଜୟନ୍ତୀରେ ନେତାଜୀ, ସୁରେନ୍ଦ୍ର ସାଏଙ୍କ ଗୁଣଗାନ



**ଭବାନୀପାଟଣା,୨୩।୧(ସମିସ)**

ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଦ୍ୱାରା ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ୧୨୭ ତମ ଜୟନ୍ତୀ ପାଳିତ ହୋଇଛି। ଏନ୍‌ଏସ୍‌ଏସ୍ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ପାଳନ ଅଭିମୁଖ୍ୟ ବିଷୟରେ ସୂଚନା ଦେଇଥିବା ବେଳେ ଅଧ୍ୟକ୍ଷ ଛବିଲାଲ ସାହୁ ଓ ରାଜନୀତି ବିଭାଗ ଅଧ୍ୟାପକ ସୁଶାନ୍ତ ଦାଶ ନେତାଜୀଙ୍କ ଜୀବନୀ ସମ୍ପର୍କୀତ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢୀ, ପରମେଶ୍ୱର ମୁଣ୍ଡ ଓ ଦୀନବନ୍ଧୁ ନାଗ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

କିସ୍ ଆବାସିକ ବିଦ୍ୟାଳୟ କଳାହାଣ୍ଡି ପରିସରରେ ନେତାଜୀ ସୁବାସ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ରୀଙ୍କୁ ନେଇ ପାଳିତ ହେଇଯାଇଛି। ଅନୁଷ୍ଠାନର ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଷ୍ମନ୍ତ ପଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁନିତା ପଣ୍ଡା ଉପସ୍ଥିତ ଥିଲେ। ଛାତ୍ରୀ ବିନୋଦିନୀ ମାଝୀ , ଦିବ୍ୟଶିନୀ ମାଝୀ ବକ୍ତବ୍ୟ ରଖିଥିଲେ। ଶେଷରେ ଶିକ୍ଷକ କ୍ଷୀରସିନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**କୋକସରା:** କୋକସରା ବ୍ଲକ ମାଝୀଗୁଡା ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷକ ମୃତୁଞ୍ଜୟ ପଣ୍ଡା, ଲକ୍ଷ୍ମୀକାନ୍ତ ପଣ୍ଡା, ଦିଲୀପ କୁମାର ପଣ୍ଡା, ଅଧ୍ୟାପିକା ଲିପ୍ସା ଦାସ ପ୍ରମୁଖ ମଞ୍ଚାସୀନ ହୋଇଥିଲେ।

**ସିନାପାଲି:** ସିନାପାଲି ବ୍ଲକ ଅନ୍ତର୍ଗତ ଚଳନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ମଜୟନ୍ତୀ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ସାରଙ୍ଗପାଣି ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ଶିବପ୍ରସାଦ ମେହେର, ବୈଷ୍ଣବ ମେହେର, ଶିକ୍ଷୟିତ୍ରୀ ମମିତା ପଟ୍ଟଯୋଷୀ ଓ ଶିକ୍ଷକ କିଶୋର ମେହେର ପ୍ରମୁଖ ଯୋଗ ଦେଇଥିଲେ।




## ଖଡିଆଳ ମହିଳା ଡିଗ୍ରୀ କଲେଜର ଅଷ୍ଟମ ବାର୍ଷିକ ଉତ୍ସବ



**ନୂଆପଡା/ଖଡ଼ିଆଳ,୨୩।୧(ସମିସ):** ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ଖଡିଆଳ ମହିଳା ଡିଗ୍ରୀ କଲେଜର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର କୁଳପତି କର୍ଣ୍ଣଲ ଡ. ସଂଜୟ ଶତପଥୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସଭାପତି ବିନୋଦ ବିହାରୀ ପାଢୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟବକ୍ତା ଭାବେ କେସିଙ୍ଗା କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀ, ସମ୍ମାନୀତ ଅତିଥି ଭାବେ ଖଡିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ସିଣ୍ଡିକେଟ ସଦସ୍ୟ ଡ. ମେଜର ରାମ ଚନ୍ଦ୍ର ମିଶ୍ର ଥିବା ବେଳେ କଲେଜ୍ ଅଧ୍ୟକ୍ଷା ଲିଜା ଆଚାର୍ଯ୍ୟ ବାର୍ଷିକ ପାଠ କରିଥିଲେ। ଅଧ୍ୟାପିକା ପ୍ରିୟଙ୍କା ମୁଣ୍ଡ ଅତିଥି ପରିଚୟ ଦେଇଥିବାବେଳେ ମହାଶ୍ୱେତା ପଣ୍ଡା ଧନ୍ୟବାଦ ଦେଇଥିଲେ।ଏହି ଅବସରରେ ଓଜେଏସରେ ଉତ୍ତୀର୍ଣ୍ଣ ବୀଣାପାଣି ତାଣ୍ଡିଙ୍କୁ ସମ୍ମାନୀତ କରାଯାଇଥିଲା।

## ଡୁଲେଶ୍ୱରରେ ଅଷ୍ଟପ୍ରହର ନାମଯଜ୍ଞ



**ସୁବଳୟା,୨୩।୧(ସମିସ):** ବୀରମହାରାଜପୁର ବ୍ଲକ୍ ପିତାମହୁଲ ପଞ୍ଚାୟତ ଡୁଲେଶ୍ୱର ଗ୍ରାମରେ ରାଧାମୋହନଙ୍କ ମନ୍ଦିର ପ୍ରବେଶ ଅବସରରେ ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ ଭାବେ ଲକ୍ଷ୍ମଣ ପଣ୍ଡା ଦାୟିତ୍ୱ ତୁଲାଇଥିବାବେଳେ ଶୁକ୍ରୁ ପଣ୍ଡା ଓ ଗୋପୀନାଥ ପଣ୍ଡା ଯଜ୍ଞ କାର୍ଯ୍ୟ କରିଥିଲେ। ନାମ ମଣ୍ଡପରେ ପରମେଶ୍ୱର ପଣ୍ଡା ଓ ଆଦିକାନ୍ତ ପଣ୍ଡା ପୂଜା କାର୍ଯ୍ୟ ତୁଲାଇଥିଲେ। ଏଥିରେ ଦେବେନ୍ଦ୍ର ନାରାୟଣ ସିଂ ସାମନ୍ତ ଓ ସହଧର୍ମିଣୀ କିରଣବାଳା ସିଂ ସାମନ୍ତ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

## ପଞ୍ଚାୟତସ୍ତରୀୟ କିଶୋରୀ ମେଳା



**ବୌଦ୍ଧ,୨୩।୧(ସମିସ):** ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଅଇଁଠୁ ମହାଲିକ ଯୋଗ ଦେଇଥିବା ବେଳେ ଅତିଥି ଭାବେ ଆଇନଜୀବୀ ସୁଜାତା ରାଣୀ ଦାଶ, ଅଞ୍ଜନା ସ୍ୱାଇଁ, ସ୍ୱାସ୍ଥ୍ୟକର୍ମୀ ଦୀପ୍ତିମୟୀ ପଣ୍ଡା, ୱାଇସିଡିଏ ସଦସ୍ୟା ଯୋଗ ଦେଇଥିଲେ। କ୍ଷେତ୍ର ପରିଦର୍ଶିକା ସୁନୀତା ରାଣୀ ଦାଶ ସଭା ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଉଁଶୁଣୀ ପଞ୍ଚାୟତରୁ ପ୍ରାୟ ୭୦ଜଣ କିଶୋରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗୀତ, ପୁଚି, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶେଷରେ ମାଉଳିମୁଣ୍ଡା ଅଙ୍ଗନୱାଡି କର୍ମୀ ସୌଦାମିନୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ତିଅର ସମାଜର ବୈଠକ



**ସୁବଳୟା, ୨୩।୧(ସମିସ):** ବୀରମହାରାଜପୁର ବ୍ଲକ ଜଟେସିଂହା ପଞ୍ଚାୟତ ବଡ଼ଖମାରରେ ବ୍ଲକ୍‌ସ୍ତରୀୟ ତିଅର ସମାଜର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଇଷ୍ଟ ଦେବୀଙ୍କୁ ପୂଜାର୍ଚ୍ଚନା ପରେ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକାରୀ ସଭାପତି ଗଣ୍ଡାରାମ ପଧାନଙ୍କ ନେତୃତ୍ୱରେ ଉକ୍ତ ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ସମସ୍ତ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ ହୋଇଥିଲା। ଏଥିରେ ସଭାପତି ଶୁକ୍ରୁ ବେହେରା, ସମ୍ପାଦକ ରାଜକୁମାର ପଧାନ, କୋଷାଧ୍ୟକ୍ଷ ସିଟୁ ପଧାନଙ୍କୁ ସର୍ବସମ୍ମତିକ୍ରମେ ସ୍ଥିରୀକୃତ କରାଯାଇଥିଲା। ଆସନ୍ତା ୧୦ ତାରିଖ ଦିନ ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବା ପାଇଁ ପ୍ରସ୍ତାବ କରାଯାଇଥିଲା। ଠକ ପଧାନ, ଧତାଡୁ ପଧାନ, ଘଣ୍ଟୁ ବେହେରା ଓ ଗୁପ୍ତେଶ୍ୱର ପଧାନ ସହଯୋଗ କରିଥିଲେ।

## ହରଭଙ୍ଗା ଲୋକମହୋତ୍ସବ ପାଇଁ ଖୁମ୍ବ ସ୍ଥାପନ



**ହରଭଙ୍ଗା/ଚାରିଛକ,୨୩।୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ହରଭଙ୍ଗା ହାଇସ୍କୁଲ ଖେଳ ପଡିଆରେ ୨୭ରେ ହେବାକୁ ଥିବା ଦ୍ୱିତୀୟ ହରଭଙ୍ଗା ଲୋକମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଲାଗି ଶୁଭଖୁମ୍ବ ସ୍ଥାପନ କରାଯାଇଛି। ମନ୍ତ୍ରୀ ପ୍ରଦୀପ ଅମାତ ଏହା ସ୍ଥାପନ କରିଥିଲେ। ଆୟୋଜକ ଲୋକ କଳା ଓ ସାଂସ୍କୃତିକ ପରିଷଦ ହରଭଙ୍ଗାର ଆବାହକ ହିମାଂଶୁ ଶେଖର ରାଉତ, ସଭାପତି ସୁବୋଧ ପ୍ରଧାନ, ସାଧାରଣ ସମ୍ପାଦକ ସରୋଜ ଭୋକ୍ତା, ଉପଦେଷ୍ଟା ପ୍ରଦୀପ୍ତ ସାହୁ, ସଦସ୍ୟ ମାନଭଞ୍ଜନ ନାଏକ, ଜିତେନ୍ଦ୍ର ପ୍ରଧାନ, ପ୍ରମୋଦ ପ୍ରଧାନ, ବବୁଲୁ ଖଡ଼ିରତ୍ନ, ପ୍ରମୋଦ ଖମାରି ପ୍ରମୁଖ ଉପସ୍ଥିତ ଥିଲେ।

■ ଜବରଦଖଲକାରୀଙ୍କ କବ୍‌ଜାରେ ପ୍ରାକୃତିକ ନାଳ

# ସହରର ଜଳ ନିଷ୍କାସନ ପାଇଁ ସୁବିଧା ନାହିଁ

ସୋନପୁର, ୨୩।୧ (ସମିସ)



ସୁବର୍ଣ୍ଣପୁର ଜିଲ୍ଲା ଘୋଷଣା ହେବା ପରେ ସହରର ରୂପାନ୍ତରଣ ହୋଇ ଚାଲିଛି। ଜନସଂଖ୍ୟା ବଢିବା ସହ ଘରଦ୍ୱାର ମଧ୍ୟ ବଢି ଚାଲିଛି। କାମଧନ୍ଦା ତଥା ଚାକିରି ପାଇଁ ଏହି ସହରକୁ ଲୋକଙ୍କ ସୁଅ ଛୁଟୁଛି। ତେଣୁ ଯେଉଁଠି ଯିଏ ପାରିଲା ଘରଦ୍ୱାର ନିର୍ମାଣ କରି ରହିଲା। ଜନସାଧାରଣଙ୍କ ରାସ୍ତା ହେଉ କିମ୍ବା ପ୍ରାକୃତିକ ନାଳ ସବୁଠି ଘରଦ୍ୱାର, ଦୋକାନ ବଜାର ଗଢି ଉଠିଛି। ଏହା ଦ୍ୱାରା ଭବିଷ୍ୟତରେ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ। ସହରରୁ ଜଳ ନିଷ୍କାସନ ପାଇଁ ଆଉ କୌଣସି ସୁବିଧା ନ ଥିବ।

ଲୋକଙ୍କ ଚାହିଦା ଅନୁସାରେ ସୋନପୁରରେ ହୁ ହୁ ହୋଇ ଜମିର ମୂଲ୍ୟ ବଢି ଚାଲିଛି। ସରକାରଙ୍କ ଧାର୍ଯ୍ୟ ଦରଠୁ ଢେରଚଢା ଦରରେ ସୋନପୁରରେ ଘରଡିହ ବିକ୍ରି ହେଉଛି। ଜଣେ ମଧ୍ୟବିତ୍ତ ମଣିଷ ପାଇଁ ସୋନପୁରରେ ଘର ଖଣ୍ଡିଏ ତୋଳିବା କାଠିକର ପାଠ ହୋଇ ଗଲାଣି। ତେବେ ସବୁଠାରୁ ଚିନ୍ତାଜନକ ପ୍ରସଙ୍ଗ ହେଲା ସରକାରୀ ଜମି ହେଉ କି ନାଳ ନର୍ଦ୍ଦମା ସବୁଠାରେ ଏବେ ଜବରଦଖଲକାରୀଙ୍କ ନଜର। ପ୍ରାକୃତିକ ନାଳଗୁଡିକୁ ମାଟି ପୋତି ଲୋକେ ଘର କରିଦେଲେଣି। କେଉଁ ନାଳକୁ ସଂପୂର୍ଣ୍ଣ ବନ୍ଦ କରିଦେଲେଣି ତ କେଉଁ ନାଳରେ ମାଟି ପକାଇ ଦେବାରୁ ସରୁ ଡ୍ରେନ ଭଳି ହୋଇ ଗଲାଣି।

ରାଜା ରାଜୁଡା ସମୟରୁ ସହରର ବର୍ଷା ଜଳ ବିଭିନ୍ନ ନାଳ ଦେଇ ମହାନଦୀକୁ ନିଷ୍କାସନ ହେଉଥିଲା। ତେଣୁ ପୂର୍ବରୁ କେବେ ବର୍ଷା ଦିନରେ ସୋନପୁର ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉ ନ ଥିଲା। ତେବେ କିଛି ବର୍ଷ ହେଲା ବର୍ଷା ଦିନେ ସୋନପୁର ସହରର ବିଭିନ୍ନ ସ୍ଥାନ ଜଳାର୍ଣ୍ଣବ ହୋଇ ଯାଉଛି। ଆମ୍ବେଦକର ଛକ-ଜୟଗୁରୁ ମାର୍କେଟ କମ୍ପ୍ଲେକ୍ସ ମୁଖ୍ୟ ରାସ୍ତାରେ ପାଣି ଚାଲୁଛି।

ମହାରାଜା ହାଇସ୍କୁଲ ଏବଂ ଡିଆଇ ଅଫିସ୍ ମଧ୍ୟରେ ଯାଇଥିବା ମୁଖ୍ୟ ନାଳ ଉଭୟ ପାର୍ଶ୍ୱରେ ଲୋକେ ମାଟି ପକାଇ ଘର କରିଦେଲେଣି। ଏହା ଫଳରେ ଏହି ନାଳ ଏବେ ସଂକୁଚିତ ହୋଇ ଡ୍ରେନ ଭଳି ଦେଖା ଗଲାଣି। ସେହିଭଳି ରାଜାଙ୍କ ଦୁର୍ଗର ସୁରକ୍ଷା ଏବଂ ଜଳ ନିଷ୍କାସନ ପାଇଁ ସମଲେଇ ମନ୍ଦିର ନିକଟରେ ଥିବା ଖାଇ ଏବେ ଇତିହାସ ହୋଇ ଗଲାଣି। ଏହି ନାଳ ଉପରେ ଏବେ ବଡ ବଡ ଘର। ଏହି ନାଳ ମୁହଁରେ ମାଟି ପକାଇ ପୌର ପରିଷଦ ଦ୍ୱାରା କଲ୍ୟାଣ ମଣ୍ଡପ ନିର୍ମିତ ହୋଇଛି। ସେହିପରି ବିସାଗରରୁ ଯେଉଁ ନାଳ ଦ୍ୱାରା ପୂର୍ବରୁ ବର୍ଷା ଜଳ ନିଷ୍କାସନ ହେଉଥିଲା ଏବେ ସେହି ନାଳ ଉପରେ ଦୋକାନ ବଜାର ଗଢି ଉଠିଲାଣି। ବଡବଜାର ଅଞ୍ଚଳରେ ଥିବା ବହୁ ପ୍ରାକୃତିକ ନାଳ ମଧ୍ୟ ଏବେ ସତ୍ତା ହରାଇବାକୁ ବସିଲାଣି। ଜବରଦଖଲକାରୀଙ୍କ ବେପରୁଆ ମନୋଭାବ ଏବଂ ପ୍ରଶାସନର ସମୟୋପଯୋଗୀ ପଦକ୍ଷେପର ଅଭାବ ଯୋଗୁଁ ସୋନପୁରରେ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଭବିଷ୍ୟତରେ ସହର ମଧ୍ୟରୁ ଜଳ ନିଷ୍କାସନ ପାଇଁ ଆଉ ରାସ୍ତା ମିଳିବ ନାହିଁ। ଅସରାଏ ବର୍ଷାରେ ସାରା ସହର ଜଳାର୍ଣ୍ଣବ ହୋଇଯିବ।

## କୋଡ଼ିବାହାଲ ଭୀମଭୋଇ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟର ବାର୍ଷିକୋତ୍ସବ



**କଣ୍ଟାମାଲ,୨୩।୧(ସମିସ):** ଇଚ୍ଛାଶକ୍ତି ବଳରେ ଜଣେ ଭିନ୍ନକ୍ଷମ ମଧ୍ୟ ଅସାଧାରଣ କାର୍ଯ୍ୟ କରି ସଭିଙ୍କ ପାଇଁ ଉଦାହରଣ ପାଲଟି ପାରେ। ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକ୍ ଘଣ୍ଟାପଡ଼ା ପଞ୍ଚାୟତସ୍ଥିତ କୋଡ଼ିବାହାଲ-କୁରୁକୁପାସ୍ଥିତ ଭୀମ ଭୋଇ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟର ଦଶମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ କଣ୍ଟମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ମହିଧର ରଣା ଯୋଗ ଦେଇ ଏହା କହିଛନ୍ତି। ଅନୁଷ୍ଠାନର ନିର୍ଦ୍ଦେଶକ ମନବୋଧ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ କଳାହାଣ୍ଡିର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବରୁଣ ସୁନା, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ଶିକ୍ଷାବିତ ନିଳାଚଳ ଭୋଇ, ଉପଦେଷ୍ଟା ବିପିନ ଭୋଇ, ପ୍ରଶାନ୍ତ ରଣା, ଜୟ କିଶୋର ରଣା ଓ ନିରଞ୍ଜନ ମଲିକ ଯୋଗ ଦେଇଥିଲେ। ଦେଓ ବେହେରା, ନିଳାଚଳ ଭୋଇ ଓ ବିପିନ ଭୋଇଙ୍କୁ ସମ୍ମାନୀତ କରାଯାଇଥିଲା। ଶିକ୍ଷକ ଘନଶ୍ୟାମ ପ୍ରଧାନ ଅତିଥି ପରିଚୟ ଓ ମଞ୍ଚ ସଞ୍ଚାଳନ କରିଥିବା ସ୍ଥଳେ ଶିକ୍ଷକ ରାହାସ ବିଭାର ବାର୍ଷିକ ବିବରଣୀ ପାଠ କରିଥିଲେ।

## ବାଳିକା ଆତ୍ମସୁରକ୍ଷା ତାଲିମ ଉଦ୍‌ଯାପିତ



**ବାଉଁଶୁଣି,୨୩।୧(ସମିସ):** ବୌଦ୍ଧ ଜିଲ୍ଲା ମା ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଉଁଶୁଣିରେ ୮ଦିନ ଧରି ଚାଲିଥିବା ବାଳିକା ଆତ୍ମ ସୁରକ୍ଷା ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବାଉଁଶୁଣି ସରପଞ୍ଚ ଅଇଁଠୁ ମହାଲିକ ଓ ସମ୍ମାନିତ ଅତିଥି ଭାବେ ଅଁଳାପାଲି ସରପଞ୍ଚ ଅଜିତ ମେହେର, ବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଦେବାର୍ଚ୍ଚନ ବେହେରା, ଇତିହାସ ବିଭାଗର ଅଧ୍ୟାପକ ପ୍ରକାଶ ଚନ୍ଦ୍ର ମହାକୁଡ଼ ଓ ଶିକ୍ଷା ବିଭାଗର ଅଧ୍ୟାପକ ଡକ୍ଟର ଉମାକାନ୍ତ ବିଶ୍ୱାଳ ଯୋଗ ଦେଇଥିଲେ। ପ୍ରଶିକ୍ଷିକା ମଧୁସ୍ମିତା ଜଗଦଲା ଓ ସୋନାଲି ମହାକୁଳ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମ୍ ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ରମେଶ ଚନ୍ଦ୍ର ମେହେର ବହନ କରିଥିଲେ।

## ଜଗନ୍ନାଥ ସଂସ୍କୃତି ଓ ପାତାଳି ଶ୍ରୀକ୍ଷେତ୍ର ଉପରେ ଆଲୋଚନାଚକ୍ର




**ଉଲୁଣ୍ଡା,୨୩।୧(ସମିସ):** ଉଲୁଣ୍ଡା ବ୍ଲକର ପଞ୍ଚାୟତସମିତି ଡିଗ୍ରୀ କଲେଜରେ ରାଜ୍ୟ ସରକାରଙ୍କ "ନୂଆ-ଓ' ସାହିତ୍ୟ କାର୍ଯ୍ୟକ୍ରମ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କ ସକାଶେ 'ଜଗନ୍ନାଥ ସଂସ୍କୃତି ଓ ପାତାଳିଶ୍ରୀକ୍ଷେତ୍ର' ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କଲେଜର ଅଧ୍ୟକ୍ଷ ଡକ୍ଟରଦେବାଶିଷପାଣ୍ଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବିଶିଷ୍ଟ ଗବେଷକ ତଥା ପାତାଳି ଶ୍ରୀକ୍ଷେତ୍ର ଟ୍ରଷ୍ଟର ବରିଷ୍ଠ ସଭ୍ୟ ପୂର୍ଣ୍ଣଚନ୍ଦ୍ର ପାଢୀ ମୁଖ୍ୟ ଆଲୋଚକ ଭାବରେ ଓ ବିଶିଷ୍ଟ ସାହିତ୍ୟିକ ତଥା ସଂସ୍କୃତିର୍ବିଦ୍ ଶ୍ରୀ ଗିରିଜାଶଙ୍କର ସାହୁ ସହ ଆଲୋଚକ ଭାବରେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଓ ପାତାଳି ଶ୍ରୀକ୍ଷେତ୍ରର ମହତ୍ତ୍ୱ ଉପରେ ଛାତ୍ରଛାତ୍ରୀଙ୍କୁ ଉପାଦେୟ ତଥ୍ୟ ଓ ସୂଚନା ଦେଇଥିଲେ। ଏଥିସହ ଜଗନ୍ନାଥ ସଂସ୍କୃତି କିପରି ସର୍ବଧର୍ମ ସମନ୍ୱୟର ପ୍ରତୀକ ସେ ଉପରେ ଶୁକଦେବ ଝାଙ୍କର ଆଲୋଚନା କରିଥିଲେ। ବରିଷ୍ଠ ଅଧ୍ୟାପକ ଦୁର୍ଗାଚରଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଦୁର୍ବାସା ପ୍ରଧାନ, ରଶ୍ମିରାଣୀ ବଡପଣ୍ଡା, ସନ୍ତୋଷ ମହାକୁର, ଗୌରୀଶଙ୍କର ପାଣ୍ଡିଆ, ଦିଲ୍ଲୀପ ଭୋଇ, ଶ୍ରୀଭୁଜ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଶାନ୍ତି ପାଇଁ କାର୍ଯ୍ୟକ୍ରମ

**ଡୁଙ୍ଗୁରିପାଲି,୨୩।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସମଲେଇତୁଆଁ ପଞ୍ଚୟତର ଅଇଁଳାସାରୀ ଗଙ୍ଗାଧର ମେହେର ପାଠାଗାରରେ ଜାତୀୟ ଯୁବ ସପ୍ତାହ ଉପଲକ୍ଷେ ଶାନ୍ତି ପାଇଁ ଯୁବକ ଦିବସ ପାଳିତ ହୋଇଛି। ପାଠାଗାରର କୋଷାଧ୍ୟକ୍ଷ ଅନିରୁଦ୍ଧ ଗଡତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବରିଷ୍ଠ ସଭ୍ୟ ନରେନ୍ଦ୍ର ପୁରୋହିତ ସଂଯୋଜନା କରିଥିଲେ। ଶାନ୍ତନୁ ଗଡତିଆ ମୁଖ୍ୟ ଅତିଥି, ଶିକ୍ଷାବିତ ଜ୍ଞାନଦେବ ଭୁକ୍ତା ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ସୂର୍ଯ୍ୟଭାନୁ ବଣିଆ ଯୋଗ ଦେଇଥିଲେ। ଯୁବକ ଯୁବତୀଙ୍କ ମଧ୍ୟରେ ଜ୍ଞାନର ବିକାଶ ପାଇଁ ଅନୁଷ୍ଠିତ ପ୍ରତିଯୋଗିତାରେ ଅମିତ ବେହେରା, ନୀତେଶ ଛତର, ସାଇ କ୍ରିଷ୍ଣା ଗଡତିଆ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ ପାଠାଗାରର ସଭ୍ୟ ବିନୟ ବିଭାର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରେ ଏକ ଶାନ୍ତି ଶୋଭାଯାତ୍ରାକୁ ଅନନ୍ତ ସେଟ ପରିଚାଳନା କରିଥିଲେ। ଦିନେଶ ପଧାନ, ନୀଳାଚଳ ବାଗ, ଉପେନ୍ଦ୍ର ସେଟ ସହଯୋଗ କରିଥିଲେ।




## କୁଲିସ ମେହେର ସମାଜର ବୈଠକ

**ହରଭଙ୍ଗା,୨୩।୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ହରଭଙ୍ଗା ଶଗଡ଼ିଆ ଆମ୍ବ ବଗିଚାରେ ଅଞ୍ଚଳର କୁଲିସ ମେହେର ସମ୍ପ୍ରଦାୟର ଏକ ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରମୋଦ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୁଲିସ ମେହେର ଜାତି ଭାଇ ଓ ଭଉଣୀଙ୍କ ବିବିଧ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା।

## ସାପ୍ତାହିକ ବଜାରରେ ନଳକୂପ ଅଚଳ

**ସୁବଳୟା,୨୩।୧(ସମିସ):** ବୀରମହାରାଜପୁର ବ୍ଲକ ଜଟେସିଂହା ପଞ୍ଚାୟତ ବଡ଼ଖମାରରେ ସାପ୍ତାହିକ ବଜାର ପରିସରରେ ଥିବା ନଳକୂପ ୨ ମାସରୁ ଅଧିକ ହେବ ଅଚଳ। ଏଣୁ ଏଠାକୁ ଆସୁଥିବା ଲୋକେ ପିଇବା ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ପାଖରେ ଦୁଇଟି ସ୍କୁଲ ରହିଥିବାରୁ ଛାତ୍ରଛାତ୍ରୀ ମଧ୍ୟ ବିଭିନ୍ନ ସମସ୍ୟା ସମ୍ମୁଖୀନ ହେଉଥିବା ନଜର ରହିଛି। ନଳକୂପ ମରାମତି ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଗୁହାରି କରିଥିଲେ ମଧ୍ୟ ସୁଫଳ ମିଳିନି। ଏଣୁ ଅସନ୍ତୋଷ ପ୍ରକାଶ ପାଇଛି।



## ଡୁମାଳ ସମାଜର ବନ୍ଧୁମିଳନ

**ସାହାଜପାଲ,୨୩।୧(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ବୁରକଟାରେ ଡୁମାଳ ସମାଜ ବଲାକିରା କେନ୍ଦ୍ରର ବନ୍ଧୁମିଳନ ପାର୍ବ ଅନୁଷ୍ଠିତ ହୋଇଥିଲା। ସଭାପତି ସୁଧୀର କୁମାର କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମକର୍ତ୍ତାଙ୍କୁ ସମ୍ମାନୀତ କରାଯାଇଥିଲା। ଗଙ୍ଗାଧର ମହାକୁଡ, ଘୁଣ୍ଡୁ ମହାକୁଡ, ରବି ଦେହୁରୀ, ଦାଶରଥି ମହାକୁଡ, ବାସୁ କର୍ମୀ, ଧାନ ମାଳି ଦେହୁରୀ, ଉତ୍ସବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶେଷଦେବ ମହାକୁଡ ଧନ୍ୟବାଦ୍ ଦେଇଥିଲେ।

# ଆମ୍ବଗାଁରେ ସଂକୀର୍ତ୍ତନ ସ୍ୱାଭିମାନ ଯାତ୍ରା ଓ ସଭା

କଣ୍ଟାମାଲ,୨୩।୧(ସମିସ)



ଶ୍ରୀ ଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକକଳା ପରିଷଦ ପକ୍ଷରୁ କଣ୍ଟାମାଲ ବ୍ଲକ ଆମ୍ବଗାଁରେ କଣ୍ଟାମାଲ ବ୍ଲକସ୍ତରୀୟ ସଂକୀର୍ତ୍ତନ ସ୍ୱାଭିମାନ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସଂକୀର୍ତ୍ତନ ଦଳକୁ ନେଇ ଏକ ବିଶାଳ ଶୋଭାଯାତ୍ରା ଆମ୍ବଗାଁ ଛକରୁ ବାହାରିଥିଲା। ଜଗନ୍ନାଥ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା ପରେ ସେଠାରୁ ବାହାରି ରାମେଶ୍ୱର ମନ୍ଦିରରେ ପହଞ୍ଚିଥିଲା। ମନ୍ଦିର ପରିସରରେ ବୌଦ୍ଧ ଜିଲା ସଭାପତି ଶ୍ରୀକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଟାମାଲ ବିଧାୟକ ମହୀଧର ରଣା ମୁଖ୍ୟଅତିଥି, ରାଜ୍ୟ ସଭାପତି ବାସୁଦେବ ଭଟ୍ଟ, ରାଜ୍ୟ ସମ୍ପାଦକ ସୁଦର୍ଶନ ଚମ୍ପତି, ବୌଦ୍ଧ ଜିଲା ଉପସଭାପତି ଅଖଣ୍ଡ ମହାକୁଡ଼, କଣ୍ଟାମାଲ ବ୍ଲକ ସଭାପତି ଖଗେଶ୍ୱର ଭୋଇ, ଉପସଭାପତି କୁଞ୍ଜ ରଣା, ସମ୍ପାଦକ କୃଷ୍ଣଚନ୍ଦ୍ର ଆଡଜୁଆଡି, ସହ ସମ୍ପାଦକ ଜପ ପୁଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ସଂକୀର୍ତ୍ତନ କଳାକାରଙ୍କୁ କଳାକାର ମାନ୍ୟତା ପ୍ରଦାନ, ସମସ୍ତ ସଂକୀର୍ତ୍ତନ କଳାକାରମାନଙ୍କୁ ତାଲିକାଭୁକ୍ତ କରି ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ପରିଚୟ ପ୍ରଦାନ, ସବୁ ବୟସର ସଂକୀର୍ତ୍ତନ କଳାକାରଙ୍କୁ କଳାକାର ଭତ୍ତା ପ୍ରଦାନ, କଳାକାରଙ୍କ ପରିବାରର ସମସ୍ତ ପିଲାଙ୍କୁ ମାଗଣାରେ ପ୍ରଥମରୁ ଉଚ୍ଚଶିକ୍ଷା ଓ କାରିଗରୀ ଶିକ୍ଷା ପ୍ରଦାନ, କଳାକାରଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣା ସ୍ୱାସ୍ଥ୍ୟ ପ୍ରଦାନ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ କଣ୍ଟାମାଳ ବ୍ଲକର ବିଭିନ୍ନ ଅଞ୍ଚଳରୁ ଯୋଗ ଦେଇଥିବା ୪୮ଟି ସଂକୀର୍ତ୍ତନ ଦଳର ପ୍ରତ୍ୟେକ କଳାକାରଙ୍କୁ ପ୍ରମାଣପତ୍ର ଏବଂ ଶ୍ରୀମଦଭଗବତ ଗୀତା ପ୍ରଦାନ କରାଯାଇଥିଲା। ସେହିପରି ସହଯୋଗ କରିଥିବା ୩୫ଜଣ ସ୍ୱେଚ୍ଛାକୃତ ବ୍ୟକ୍ତିଙ୍କୁ ଶ୍ରୀମଦଭଗବତ ଗୀତା ପ୍ରଦାନ କରାଯାଇଥିଲା। ରାଜ୍ୟ ସଂଯୋଜକ ପ୍ରସନ୍ନ ବିଷୋୟୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ମୋତିଲାଲ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବର୍ଣ୍ଣପୁର ଜିଲ୍ଲା କୁଲତା ସମାଜର ବାର୍ଷିକ ସମାରୋହ



**ତରଭା,୨୩।୧(ସମିସ):** ତରଭା ବ୍ଲକ ଜରାଜାରିଙ୍ଗ ଗ୍ରାମରେ ସୁବର୍ଣ୍ଣପୁର ଜିଲ୍ଲା କୁଲତା ସମାଜର ବାର୍ଷିକ ସମାରୋହ ସହ ପଞ୍ଚମ ଜାତି ଗଙ୍ଗା ଦର୍ଶନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ମୁରଲୀଧର ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ବଲାଙ୍ଗୀର କୁଲତା ସମାଜ ସଭାପତି ବେଲାର ସିଂ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୁଲତା ସମାଜ ସଂଗଠନ ଓ ସମ୍ବିଧାନ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ବଲାଙ୍ଗୀର ଜିଲ୍ଲାର କୁଲତା ସମାଜ କୋଷାଧ୍ୟକ୍ଷ ଅଜିତ ଭୋଇ, ସୁବର୍ଣ୍ଣପୁର ଜିଲ୍ଲା ସଂପାଦକ ରମେଶ ପଧାନ, ବନମାଳୀ ପଧାନ, କର୍ଣ୍ଣରାଜ ପଧାନ, ସୁଦାମ ପଧାନ, ବ୍ରତାନନ୍ଦ ଭୋଇ ଯୋଗ ଦେଇଥିଲେ। କ୍ଷେତ୍ରବାସୀ ପଧାନ ସଭା ପରିଚାଳନା କରିଥିଲେ। ମା ରାମଚଣ୍ଡୀଙ୍କ ପୂଜକ ଶମ୍ଭୁ ପ୍ରସାଦ ପଧାନ, ରାମଚନ୍ଦ୍ର ସା ମାଁଙ୍କ ପୂଜାର୍ଚ୍ଚନା କରିଥିଲେ। ଜୁରାବନ୍ଧ ଗ୍ରାମର ଝିଅମାନେ ନୃତ୍ୟଗୀତ ପରିବେଷଣ କରିଥିଲେ। ମୟୁର ଉଡାନ ଗ୍ରାମର ଶିବାନନ୍ଦ ନାଏକ ଓ ଅଭିମନ୍ୟୁ ଭୁଏ ରାମାୟଣ ପଠନ କରିଥିଲେ। ଏଥିରେ ହଜାରୁ ସା, ବିକ୍ରମ ସା, ଶହଦେବ ପଧାନ, ଲେହେରୁ ପଧାନ, ସୁଦାମ ଚରଣ ନାଏକ, ଦଶରଥ ସାହୁ, ନାରାୟଣ ସା, ଲକ୍ଷ୍ମୀଧର ସା, ବାହାବଳ ବିଶ୍ୱାଳ, ଘାସିରାମ ସା, ମିତ୍ରଭାନୁ ସାଙ୍କ ସହ ଜରାଜାରିଙ୍ଗ କେନ୍ଦ୍ରର ସମସ୍ତ କୁଲତା ପରିବାର ସହଯୋଗ କରିଥିଲେ।

